Vol.-I, Issue No. -11
1-15 August, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ
Odisha Sanket

ବାଣୀଙ୍କ ଘୋଡ଼ାଚଢ଼ା ଶିକ୍ଷା

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118

# ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧି ଦାବି କେତେ ଯଥାର୍ଥ ?

ଭୁବନେଶ୍ୱର : ନିକଟ ଅତୀତରେ ଶେଷ ହୋଇଥିବା ଗତ ବିଧାନସଭାର ମୌସୁମୀ ଅଧିବେଶନର ଶେଷ ଦିନରେ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି ପାଇଁ ସେମାନଙ୍କ ପକ୍ଷରୁ ହୋଇଥିବା ଦାବି ଉପରେ ବିଚାର କରି ଏକ ରିପୋର୍ଟ ଦାଖଲ କରିବା ନିମନ୍ତେ ବରିଷ୍ଠ ବିଧାୟକ ଅମର ଶତପଥୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି । ବାସ୍ତବରେ ଏହି କମିଟି ଗଠନ ପୂର୍ବରୁ ପୂର୍ବତନ ବିଧାୟକମାନଙ୍କର ଏକ ପ୍ରତିନିଧି ମଣ୍ଡଳ ଆସି ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କରି ଭତ୍ତା ବୃଦ୍ଧି ପାଇଁ ଦାବି କରିବା ଓ ବର୍ତମାନର ବିଧାୟକମାନେ ସେମାନଙ୍କ ଦରମା ବଢ଼ାଇବା ପାଇଁ ନିଜର ପକ୍ଷ ରଖିବା ପରେ ବିଧାନସଭାରେ ଦଳମତ ନିର୍ବିଶେଷରେ ସମସ୍ତେ ଏଥିପାଇଁ ଦାବି କରିବା ଫଳରେ କମିଟି ଗଠନ କରାଯାଇଛି । ବିଧାୟକମାନେ ଦରମା ବଢ଼ାଇବା ପାଇଁ ଯୁକ୍ତି କରିବା ସମୟରେ ଯେଉଁ ରାଜ୍ୟମାନଙ୍କରେ ଦରମା ଓଡ଼ିଶା ଠାରୁ ଅଧିକ ଅଛି ସେଗୁଡ଼ିକର ଉଦାହରଣ ପ୍ରଦାନ କରୁଛନ୍ତି । କିନ୍ତୁ ଯେଉଁ ରାଜ୍ୟମାନଙ୍କରେ ବିଧାୟକମାନଙ୍କର ଦରମା ଓ ଭତା ଓଡ଼ିଶା ଠାରୁ କମ୍ ରହିଛି ସେ ସଂପର୍କରେ ଏମାନେ କୌଣସି ତଥ୍ୟ ପ୍ରଦାନ କରୁନାହାନ୍ତି । ଯୁକ୍ତି କରାଯାଉଛି ଯେ, ସରକାରୀ କର୍ମଚାରୀମାନଙ୍କ ଦରମା ବିଭିନ୍ନ ବେତନ କମିଶନଙ୍କ ଜରିଆରେ କରାଯାଉଥିବା ସମୟରେ ବିଧାୟକମାନଙ୍କ କ୍ଷେତ୍ରରେ ଏହା କରିବାର ଆବଶ୍ୟକତା ରହିଛି । ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଲୋକସଭା ସଦସ୍ୟ ବା ପାର୍ଲାମେଂଟ ସଦସ୍ୟ କେତେ ଦରମା ପାଇବେ ତାହା ପାର୍ଲାମେଂଟ ସ୍ଥିର କରିବ । ଠିକ୍ ସେହିପରି ବିଧାନସଭା ସଦସ୍ୟମାନେ କେତେ ଦରମା ପାଇବେ ତାହା ବିଧାନସଭା ହିଁ ସ୍ଥିର କରିବ । ଅର୍ଥାତ୍ କେନ୍ଦ୍ରରେ ଯିଏ ଶାସକ ଦଳରେ ଅଛି ଓ ରାଜ୍ୟରେ ଯେଉଁ ଦଳର ସରକାର ଅଛି ସେହି ଦଳର ମୁଖ୍ୟ ଅର୍ଥାତ୍ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ମୁଖମନ୍ତ୍ରୀ ଚାହିଁଲେ ହିଁ ପାର୍ଲାମେଂଟ ବା ବିଧାନସଭାରେ ସାଂସଦ ବା ବିଧାୟକମାନଙ୍କର ଦରମା ବୃଦ୍ଧି ହେବ । ଦେଶ ସ୍ୱାଧୀନତା ସମୟରେ ଦେଶର ଆର୍ଥିକ ସ୍ଥିତି ଯାହାଥିଲା ଓ ଯେଉଁମାନେ ସାଂସଦ ଓ ବିଧାୟକ ହୋଇଥିଲେ ସେମାନେ ଜନସେବା ପାଇଁ ଅଙ୍ଗୀକାରତାବଦ୍ଧ ଜରିଆରେ ରାଜନୀତିକୁ ଆସୁଥିଲେ । ଗାନ୍ଧୀଜୀଙ୍କ ପ୍ରେରଣା ଓ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ଭିତିକରି ସେମାନେ ତ୍ୟାଗର ମନୋଭାବ ନେଇ ନିଜ ନିଜ ଦରମାକୁ କମ୍ କରିଥିଲେ । ଯେପରି କେହି କହିପାରିବେ ନାହିଁ ଯେ, ଲୋକମାନଙ୍କ ସ୍ୱାର୍ଥକୁ ଛାଡ଼ି ସାଂସଦ ଓ ବିଧାୟକମାନେ ନିଜ ନିଜ ସ୍ୱାର୍ଥ ପାଇଁ ଦରମା ଓ ଭତା ନେଇଯାଉଛନ୍ତି । ଏହି ଧାରା ଚାଲିଥିବା ସମୟରେ ୧୯୮୦ ପର୍ଯ୍ୟନ୍ତ ସାଂସଦ ଓ ବିଧାୟକମାନେ ଅତି କମ୍ ପରିମାଣର ଦରମା ଓ ଭତା ନେଉଥିଲେ । ବିଧାୟକମାନଙ୍କର ନିଜସ୍ୱ ଗାଡ଼ି ବା କାର୍ ନଥିଲା । ସେମାନଙ୍କ ପାଇଁ ସରକାରୀ ଟ୍ରାନ୍ସପୋର୍ଟ ବ୍ୟବସ୍ଥାରେ ଆସନ ସଂରକ୍ଷିତ ରହୁଥିଲା । ପାର୍ଲାମେଂଟ ସଦସ୍ୟମାନଙ୍କ ପାଇଁ ରେଳରେ ପ୍ରଥମ ଶ୍ରେଣୀ ଯାତ୍ରା କରିବା ପାଇଁ ମାଗଣା ବ୍ୟବସ୍ଥା ରହିଥିଲା, ଯାହାକି ଏପର୍ଯ୍ୟନ୍ତ ଅଛି । କିନ୍ତୁ ଅଧିକାଂଶ ସାଂସଦ ଏବେ ଟ୍ରେନ୍ ଅପେକ୍ଷା ବିମାନ ଯାତ୍ରାକୁ ପସନ୍ଦ କରୁଛନ୍ତି ଓ ଏଥିପାଇଁ ମଧ୍ୟ ସେମାନଙ୍କର ଖର୍ଚ୍ଚକୁ ପାର୍ଲାମେଂଟ ବହନ କରୁଛି । କିନ୍ତୁ ଜରୁରୀ ପରିସ୍ଥିତି ସମୟରେ ପ୍ରଥମଥର ପାଇଁ ଅନୁଭବ କରାଗଲା ଯେ, ପୂର୍ବତନ ସାଂସଦ ଓ ବିଧାୟକମାନଙ୍କର ଆର୍ଥିକ ଅବସ୍ଥା ଅନେକ କ୍ଷେତ୍ରରେ ଶୋଚନୀୟ ଥିବାରୁ ସେମାନେ ବିଧାନସଭା ବା ପାର୍ଲାମେଂଟକୁ ନିର୍ବାଚିତ ନହେଲେ ଘର ଚଳାଇବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇପଡୁଛି । ଏପରିକି ସେମାନଙ୍କ ଔଷଧପତ୍ର ପାଇଁ ମଧ୍ୟ ଆର୍ଥିକ ଅନଟନ ଘଟୁଛି । ଏଣୁ ଜରୁରୀ ପରିସ୍ଥିତିରେ ପୂର୍ବତନ ସାଂସଦମାନଙ୍କ ପାଇଁ ଏକ ଭତ୍ତା ବ୍ୟବସ୍ଥା କରାଯିବା ସହିତ ସେମାନେ ଟ୍ରେନ୍‌ରେ ଯେପରି ମାଗଣା ଯିବାଆସିବା କରିପାରିବେ ସେଥିପାଇଁ ବ୍ୟବସ୍ଥା ହେଲା । ଏହାକୁ ଦେଖି ରାଜ୍ୟ ବିଧାନସଭାରେ ସେମାନଙ୍କର ପୂର୍ବତନ ବିଧାୟକମାନଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ କଲେ । ବାସ୍ତବରେ ସେତେବେଳେ ଅନେକ ପୂର୍ବତନ ସାଂସଦ ଓ ବିଧାୟକ ବିଶେଷ ଭାବରେ ଯେଉଁମାନେ ସଂରକ୍ଷିତ ଆସନଗୁଡ଼ିକରୁ ଯାଇ ସାଂସଦ ବା ବିଧାୟକ ହୋଇଥିଲେ ସେମାନଙ୍କର ଆର୍ଥିକ ଅବସ୍ଥା ନେଇ କେତେଗୁଡ଼ିଏ ରିପୋର୍ଟ ପ୍ରକାଶ ପରେ ଜରୁରୀ ପରିସ୍ଥିତିରେ ପୂର୍ବତନ ସାଂସଦ ଓ ବିଧାୟକମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଜରୁରୀ ପରିସ୍ଥିତି ପରେ ୧୯୭୭ରେ ହୋଇଥିବା ନିର୍ବାଚନରେ ଇନ୍ଦିରାଗାନ୍ଧୀଙ୍କୁ ବିରୋଧ କରୁଥିବା ଜନତା ପାର୍ଟି ପକ୍ଷରୁ ସେମାନେ କ୍ଷମତାକୁ ଆସିଲେ ଏହି ଭତ୍ତା ବ୍ୟବସ୍ଥାକୁ ଲୋପ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ କ୍ଷମତା ପାଇବା ପରେ ଜନତା ପାର୍ଟି ସେହି ପ୍ରତିଶ୍ରୁତିକୁ ପାଳନ କଲା ନାହିଁ । କିନ୍ତୁ ଏହି ଗୋଷ୍ଠୀରେ ମାତ୍ର ମୁଷ୍ଟିମେୟ କିଷନ ପଟ୍ଟନାୟକଙ୍କ ପରି ନେତା ଭତ୍ତାକୁ ବର୍ଜନ କରିଥିଲେ । କିନ୍ତୁ ୧୯୮୦ ପରେ ଓ ବିଶେଷ ଭାବରେ ୧୯୯୦ ପରେ ସାଂସଦ ଓ ବିଧାୟକମାନଙ୍କର କାର୍ଯ୍ୟକଳାପ ଓ ଆଚରଣରେ ଯେଉଁ ପରିବର୍ତନ ହେଲା ସେଥିରେ ଜଣେ ଥରେ ବା ଦୁଇଥର ସାଂସଦ କିମ୍ବା ବିଧାୟକ ହୋଇଗଲେ ସେମାନଙ୍କର ଆର୍ଥିକ ପରିସ୍ଥିତି ପୁରାପୁରି ବଦଳିଗଲା । ପରେ ସମୟ ଗଡ଼ିବା ସହିତ ଦେଶର ଆର୍ଥିକ ଅବସ୍ଥାରେ ଯେଉଁ ପରିବର୍ତନ ହେଲା ସେଥିରେ ଅନ୍ୟ ସାଧାରଣ ଲୋକଙ୍କ ଅପେକ୍ଷା ସାଂସଦ ଓ ବିଧାୟକମାନଙ୍କର ଆର୍ଥିକ ଅବସ୍ଥା ଓ ସମ୍ପତି ବଢ଼ି ବଢ଼ି ଚାଲିଲା । ନିର୍ବାଚନରେ ଯେଉଁ ଧରଣର ଖର୍ଚ୍ଚ ହେଉଛି ତାହାକୁ ନିର୍ବାଚନ ଆୟୋଗଙ୍କ ସୀମା ସହିତ କୌଣସି ସଂପର୍କ ନାହିଁ । ଏବେ ନିର୍ବାଚନ ସମୟରେ ବାଧ୍ୟତାମୂଳକ ଭାବେ ସାଂସଦ ଓ ବିଧାୟକମାନେ ସେମାନଙ୍କ ସମ୍ପତି ନେଇ ଯେଉଁ ତଥ୍ୟ ଦେଉଛନ୍ତି ସେଥିରେ ଅଧିକାଂଶ ବିଧାୟକ ଓ ସାଂସଦ କୋଟିପତି । ଏବେ ସେହିମାନେ ଦରମା ଓ ଭତା ବୃଦ୍ଧି ପାଇଁ ଦାବି କରିବା ହାସ୍ୟାସ୍ପଦ ମନେହେଉଛି ।



ଜଣେ ପୂର୍ବତନ ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଏ ବିଷୟରେ ଆଲୋଚନା ସମୟରେ ପେନସନ ବୃଦ୍ଧି ପାଇଁ ସେ ଯୁକ୍ତି ଉପସ୍ଥାପିତ କରିବାକୁ ଯାଇ କହିଥିଲେ ଯେ, ସେ କିଣିଥିବା ଘରଗୁଡ଼ିକ ଉପରେ ପ୍ରତିମାସରେ ଇଏମ୍ଆଇ ଦେବା ପାଇଁ ପ୍ରାୟ ୧ଲକ୍ଷ ୨୦ ହଜାର ଟଙ୍କା ଆବଶ୍ୟକ ପଡୁଛି । ସେ ଏବେ ପ୍ରାୟ ୬୦ ହଜାର ଟଙ୍କା ପେନସନ ପାଉଥିଲେ ମଧ୍ୟ ତାହା ଇଏମଆଇ ପ୍ରଦାନ ପାଇଁ ଯଥେଷ୍ଟ ନୁହେଁ । ଏଣୁ ପେନସନ ବୃଦ୍ଧି ପାଇଁ ତାଙ୍କ ପେନସନ ୧ଲକ୍ଷ ଟଙ୍କା ହୋଇଯିବା ତାଙ୍କର ଇଚ୍ଛା । କିନ୍ତୁ ଘର ଗୁଡ଼ିକରୁ ସେ କେତେ ଭଡ଼ା ପାଉଛନ୍ତି ସେ ବିଷୟରେ କୌଣସି ତଥ୍ୟ ଦେବାକୁ ସେ ପ୍ରସ୍ତୁତ ନୁହଁନ୍ତି । ତେଣୁ ବିଧାୟକମାନଙ୍କ ଦରମା ଓ ପେନସନ ବୃଦ୍ଧି ପାଇଁ ବାଚସ୍ପତି ଯେଉଁ କମିଟି କରିଛନ୍ତି ସେହି କମିଟି ରିପୋର୍ଟ ଦେବା ପୂର୍ବରୁ ବିଧାୟକମାନଙ୍କର ଓ ପୂର୍ବତନ ବିଧାୟକମାନଙ୍କର ପ୍ରକୃତ ଆର୍ଥିକ ସ୍ଥିତି ଅନୁଧାନ କରିବା ଉଚିତ । ଯେଉଁମାନେ ସବୁଦୃଷ୍ଟିରୁ ସମାଜର ଅନ୍ୟ ବର୍ଗଠାରୁ ଭଲରେ ଅଛନ୍ତି ଓ ବହୁ ପରିମାଣରେ ଘର ଓ ସମ୍ପତି କରିଛନ୍ତି ସେମାନଙ୍କ ଭତା ବୃଦ୍ଧି ହେବା ଅର୍ଥ ହେଉଛି ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ଏହା ସିଧାସଳଖ ଲାଂଚ ବ୍ୟତୀତ ଅନ୍ୟ କିଛି ନୁହେଁ । ବର୍ତମାନ ଦେଶରେ ରାଜନୈତିକ ଦଳମାନେ ଓ ସରକାରମାନେ ଗରିବ ଲୋକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଓ ସୁଯୋଗ ମାଗଣାରେ ପ୍ରଦାନ ପାଇଁ ନିର୍ବାଚନ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଉଛନ୍ତି ଓ ସରକାର ଗଠନ ପରେ ସେହି ପ୍ରତିଶ୍ରୁତି ପୂରଣ ପାଇଁ ଯେଉଁ ଉଦ୍ୟମ କରୁଛନ୍ତି ସେଗୁଡ଼ିକ ଦେଶର ଗଣତନ୍ତ୍ର, ଆର୍ଥିକ ସ୍ଥିତି ଓ ନିର୍ବାଚନ ବ୍ୟବସ୍ଥାକୁ କଳୁଷିତ କରୁଥିବା କଥା କୁହାଯାଉଛି । ନିଜେ ପ୍ରଧାନମନ୍ତ୍ରୀ ନିକଟରେ ବୁନ୍ଦେଲଖଣ୍ଡ ଏକ୍ସପ୍ରେସ ଉଦଘାଟନ ସମୟରେ ଏହି ପ୍ରସଙ୍ଗ ଉତ୍ଥାପନ କରିବା ପରେ ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତୀୟ ଏକ ଜନସ୍ୱାର୍ଥ ମାମଲାରେ ଏହି ପ୍ରସଙ୍ଗ ଆଲୋଚନା ପାଇଁ ଏକ କମିଟି ଗଠନ ନିମନ୍ତେ ସୁପ୍ରିମକୋର୍ଟ ସୂଚନା ଦେଇଛନ୍ତି । ବାସ୍ତବରେ ଦେଖିବାକୁ ଗଲେ ଦେଶର ସବୁ ରାଜନୈତିକ ଦଳ ଓ ସରକାରମାନେ ଏହି ପ୍ରତିଯୋଗିତାରେ ଅଛନ୍ତି । ବର୍ତମାନର ସରକାର ଏହିସବୁ ସ୍କିମଗୁଡ଼ିକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଭାବରେ ନାମିତ କରୁଥିବା ସମୟରେ ଅନେକ ରାଜ୍ୟରେ ବିଦ୍ୟୁତ୍ ବ୍ୟବହାରରେ ସାଧାରଣ ବର୍ଗର ଲୋକଙ୍କ ପାଇଁ ଓ ଚାଷୀମାନଙ୍କ ପାଇଁ ମାଗଣା ବିଦ୍ୟୁତ୍ ପ୍ରଦାନ, ମାଗଣା ପାନୀୟ ଜଳ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାହାଯ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟରେ କେତେ ମାଗଣା ଦିଆଯାଇପାରିବ ସେଥିପାଇଁ ପ୍ରତିଯୋଗିତା ଚାଲିଛି । ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ସରକାରୀ ଟିକସରେ ଲୋକମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯିବାରେ କାହାରି ଆପତି ନଥିଲେ ମଧ୍ୟ ଏହା ଉପରେ ଚର୍ଚ୍ଚା ଚାଲିଥିବା ସମୟରେ ସବୁଦୃଷ୍ଟିରୁ ସମ୍ବଳ ସମ୍ପନ୍ନ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତା ବୃଦ୍ଧି ପାଇଁ ଦାବି ହେବା ଏକ ଲଜ୍ଜାଜନକ ଅବସ୍ଥା । ବିଶେଷ ଭାବରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଜଣପିଛା ୫ କିଲୋଗ୍ରାମ ହିସାବରେ ଖାଦ୍ୟ ଶସ୍ୟ ଦିଆଯାଉଥିବା ସମୟରେ ବିଭିନ୍ନ ଦୃଷ୍ଟିରୁ ପ୍ରକୃତ ଅସୁବିଧାରେ ଥିବା ଗରିବ ବୁଢ଼ାବୁଢ଼ୀ, ଅକର୍ମଣ୍ୟ ବ୍ୟକ୍ତି, ବିଧବା ଓ କଳାକାରମାନଙ୍କୁ ମାସିକ ପେନସନ ୫ଶହ ଟଙ୍କାରେ ରହିଛି । ମାସିକ ୫୦୦ ଟଙ୍କାରେ ଏହି ବର୍ଗର ଲୋକମାନେ ଚଳିବା କେତେ କଷ୍ଟକର ତାହା ଜାଣିସୁଦ୍ଧା ସେମାନଙ୍କର ଭତା ବୃଦ୍ଧି ପାଇଁ ବିଧାନସଭାରେ ବିଧାୟକମାନେ ସମୂହ ଭାବେ ଦାବି ଉପସ୍ଥାପିତ କରୁନାହାନ୍ତି । ଏହି ବର୍ଗର ଲୋକମାନଙ୍କ ପାଇଁ ମାସିକ ଭତା ଅତି କମ୍‌ରେ ବର୍ତମାନ ବଜାର ଦର ଅନୁସାରେ ୩ ହଜାର ଟଙ୍କା କରାଯିବାର ଆବଶ୍ୟକତାକୁ ବିଧାୟକମାନେ ଗ୍ରହଣ ନକରି ସେମାନଙ୍କ ଦରମା ଓ ଭତା ବୃଦ୍ଧି ପାଇଁ ଦାବି କରିବା ଓ ବାଚସ୍ପତି ସେଥିପାଇଁ କମିଟି ଗଠନ କରିବା ଦ୍ୱାରା ଲୋକମାନଙ୍କ ପ୍ରତି ସେମାନଙ୍କ ସମବେଦନା ନାହିଁ ବୋଲି ପ୍ରମାଣିତ ହେଉଛି । ଯେଉଁମାନେ ବିଧାୟକ ଥିବା ସମୟରେ ଏକାଧିକ ଘର ଓ ଜମିବାଡ଼ି କରିଛନ୍ତି, ଦାମି ଗାଡ଼ିସବୁ ଚଢୁଛନ୍ତି ସେମାନେ ଭତା ବୃଦ୍ଧି ପାଇଁ ଏତେ ବ୍ୟାକୁଳ କାହିଁକି ? ତେଣୁ ବିଧାନସଭାର କମିଟି ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ସମ୍ପତି ସଂପର୍କରେ ଠିକ୍ ଭାବେ ଯାଂଚକରିବା ପରେ ହିଁ ଦରମା ଓ ଭତା ବୃଦ୍ଧି କଥା ଚିନ୍ତାକରନ୍ତୁ । ଜନସେବା ବଦଳରେ ନିଜ ସେବା ଯଦି ବିଧାୟକମାନଙ୍କର ଲକ୍ଷ୍ୟ ହୁଏ ତେବେ ସାଧାରଣ ଲୋକ କେତେଦିନ କାଳ ଏହା ବରଦାସ୍ତ କରିବେ ?

# ରାଜ୍ୟ ବିଜେପିର ଗତି କୁଆଡ଼େ ?

ଭୁବନେଶ୍ୱର : ସପ୍ତାହକ ତଳେ ରାଜ୍ୟ ରାଜନୀତି ବିଜେପିର ଚାଣକ୍ୟ ଅମିତ ଶାହାଙ୍କୁ ନେଇ ବେଶ ସରଗରମ ହୋଇଯାଇଥିଲା । ୨୦୧୪ ପରେପରେ ରାଜ୍ୟ ରାଜନୀତି ଚାଣକ୍ୟ ଶାହାଙ୍କ ରଣନୀତି ଦେଖିଛି । ସେ ଏଭଳି ଆକ୍ରମଣାତ୍ମକ ଭାବେ ଦଳର ରଣନୀତି କଲେଯେ, ବିଜେଡ଼ି ଶିବିରରେ ଛନକା ପଶିଗଲା । ଏହାର ପ୍ରତିଫଳନ ମଧ୍ୟ ପଂଚାୟତ ନିର୍ବାଚନରେ ଦେଖିବାକୁ ମିଳିଥିଲା । ଓଭର କନଫିଡ଼େନ୍ସ ହୋଇ ନାହିରେ ତେଲ ପକାଇ ବସିଥିବା ବିଜେଡିକୁ ଜୋରଦାର ଝଟକା ମିଳିଲା । ଏହାପରେ ବିଜେଡ଼ି କିନ୍ତୁ ଚୁପ ହୋଇ ବସିନରହି ନିଜର ଗତି ବଢ଼ାଇ ଦେଇଥିଲା, ଯାହାର ଫଳସ୍ୱରୂପ ୨୦୧୯ରେ ମୋଦିଙ୍କ ହାୱା ସତ୍ୱେ ନବୀନ ପୁଣି ଏକ ସେଂଚୁରୀ ମାରିବାରେ ସମର୍ଥ ହୋଇଥିଲେ । କିନ୍ତୁ ପରେପରେ ବିଜେପିର ସ୍ଥାଣୁତା ପାଇଁ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଛି । ବିଜେପି କାର୍ଯ୍ୟକର୍ତାଙ୍କ ମନରେ ଆତ୍ମବିଶ୍ୱାସ କମିଯାଇଥିବାବେଳେ ସଂଗଠନ ବି ଘୁଣଖିଆ ଅବସ୍ଥାକୁ ଆସିଯାଇଛି । ଦଳ ଯାହାବି ଭୋଟ ପାଇଛି ତାହାର ସିଂହଭାଗ ବିଜେଡ଼ି ସରକାର ପ୍ରତି ଅସନ୍ତୁଷ୍ଟର ପ୍ରତିଫଳନ ସହ ମୋଦିଙ୍କ ଲୋକପ୍ରିୟତା ପାଇଁ ଆସିଛି । ଓଡ଼ିଶାରେ ବି ବିଜେପି ସରକାର ଆସିବ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଏହି ଚାରିପଦ କଥା ଆଜି ଓଡ଼ିଶା ବିଜେପିର ନେତା ଓ କର୍ମୀଙ୍କ ମନରେ ସରକାର ଗଢ଼ିବାର ଆତ୍ମବିଶ୍ୱାସ ଫେରାଇ ଆଣିଛି । କର୍ମୀଙ୍କୁ ଉତ୍ସାହିତ କରିବାକୁ ଢେର କିଛି କଥା ରଖିଥିଲେ । ଲୋକ ବିଜେପିକୁ ହିନ୍ଦୀ ଭାଷୀଙ୍କ ଦଳ କହୁଥିଲେ । କିନ୍ତୁ ଏବେ ପୂରା ଉତ୍ତର-ପୂର୍ବ ଭାରତରେ ଆମ ସରକାର ଅଛି । ଗୁଜରାଟ, କର୍ଣ୍ଣାଟକରେ ଆମେ ସରକାର ଗଢ଼ିଛୁ । ହୋଟେଲ ମେ'ଫେୟାର କନଭେନସନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦ ବର୍ଷର କ୍ଷମତା (୧୨ ବର୍ଷର ମୁଖ୍ୟମନ୍ତ୍ରୀ ଓ ୮ବର୍ଷର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟକାଳ)କୁ ନେଇ ରଚିତ ପୁସ୍ତକ 'ମୋଦୀଅ୨୦ ଡ୍ରିମ୍ସ ମିଟ୍ ଡେଲିଭରି'ର ଓଡ଼ିଶାରେ ଲୋକାର୍ପଣ କାର୍ଯ୍ୟକ୍ରମରେ ଶ୍ରୀ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଏହି ପୁସ୍ତକରେ ମୋଦୀଙ୍କ ବିଷୟରେ ଅଧା ଅଛି । ମୋଦୀ ଏହାଠାରୁ ବହୁତ ବଡ଼ ବ୍ୟକ୍ତିତ୍ୱ । ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ଗୋଟିଏ ବହିରେ ବର୍ଣ୍ଣନା କରାଯାଇପାରିବନାହିଁ । ଏହି ପୁସ୍ତକରେ ପ୍ରଧାନମନ୍ତ୍ରୀଙ୍କର ୫୦ବର୍ଷର ସାଧାରଣ ଜନଜୀବନରୁ ମାତ୍ର ୨୦ବର୍ଷର ବର୍ଣ୍ଣନା ହୋଇଛି । ବାକି ୩୦ବର୍ଷ ମଧ୍ୟ ସମସ୍ତେ ଜାଣିବା ଦରକାର । ତାଙ୍କର ଏହି ଯାତ୍ରା ବହୁତ କଠିନ ଥିଲା । ଯିଏ ସରପଞ୍ଚ ଲଢ଼ିନି ତାଙ୍କୁ ଦଳ ସିଧା ଆଣି ମୁଖ୍ୟମନ୍ତ୍ରୀ ଓ ପରେ ପ୍ରଧାନମନ୍ତ୍ରୀ କରିବା କୌଣସି ଏକ ସହଜ କଥା ନୁହେଁ । ଏଭଳି ବ୍ୟକ୍ତିଙ୍କର ପୂରା ଜୀବନୀ ଉତ୍ସାହଜନକ । ଯୁବପିଢ଼ି ଜୀବନରେ ବଡ଼ ହେବାର ସ୍ୱପ୍ନ ଦେଖୁଥିଲେ ମୋଦୀଙ୍କର ଏହି ପୁସ୍ତକ ପଢ଼ିବା ସହ ତାଙ୍କ ପୂରା ଜୀବନୀକୁ ଅନୁସରଣ କରିବା ଦରକାର । ଶ୍ରୀ ଶାହ କହିଥିଲେ ଯେ, ମୋଦୀଙ୍କର ଭାରତୀୟ ରାଜନୀତିକୁ ସବୁଠୁ ବଡ଼ ଅବଦାନ ହେଉଛି, ସେ ଲୋକତନ୍ତ୍ରକୁ ସୁଦୃଢ଼ କରିଛନ୍ତି । ସେ ରାଜନୀତିକୁ ପରିବାରବାଦ, ତୁଷ୍ଟୀକରଣ, ଭ୍ରଷ୍ଟାଚାର ମୁକ୍ତ କରୁଛନ୍ତି । ଯେଉଁ ଦଳ ଏହାକୁ ଧରି ବସିଛନ୍ତି ସେ ନିର୍ବାଚନରେ ହାରୁଛନ୍ତି । କଂଗ୍ରେସ ସରକାର ଅମଳରେ ୧୨ଲକ୍ଷ କୋଟିର ଭ୍ରଷ୍ଟାଚାର ହୋଇଥିଲା । ଯାହାକୁ ଆମେ ଲୋକଲୋଚନକୁ ଆଣିଛୁ । ୨୦୧୪ରେ ଭାରତବାସୀ ମୋଦୀଙ୍କ ନେତୃତ୍ୱ ଉପରେ ବିଶ୍ୱାସ କଲେ; ଆଉ ବଡ଼ ବିଜୟ ଭେଟିଦେଲେ । ୨୦୧୯ରେ ଏହାଠାରୁ ବଡ଼ ବିଜୟ ଦେଲେ । ୨୦୨୪ରେ ବି ଆମେ ଦୁଇ ତୃତୀୟାଂଶ ଭୋଟ୍ ପାଇ ବଡ଼ ବିଜୟ ହାସଲ କରିବୁ । ମୋଦୀଙ୍କ ଚିନ୍ତାଧାରକୁ ବର୍ଣ୍ଣନା କରିବାକୁ ଯାଇ ଶ୍ରୀ ଶାହ କହିଥିଲେ, ଯେତେବେଳେ କୌଣସି ଯୋଜନା ପ୍ରସ୍ତୁତ ହୁଏ ସେତେବେଳେ ମୋଦୀ ଗରିବରୁ ଅତି ଗରିବ ଲୋକ ପାଖରେ ଯେପରି ଯୋଜନାର ସୁଫଳ ପହଞ୍ଚିବ ସେନେଇ ନିଶ୍ଚିତ କରନ୍ତି । କେବେ ବି କୌଣସି ନିର୍ଦ୍ଦିଷ୍ଟ ବର୍ଗକୁ ସୁହାଇଲା ଭଳି ପଦକ୍ଷେପ ନିଅନ୍ତି ନାହିଁ । ସବୁ ବର୍ଗର ଲୋକଙ୍କୁ ସାମ୍ବିଧାନିକ ଅଧିକାର ଦେବାଠାରୁ ଆରମ୍ଭ କରି ସରକାରୀ ଯୋଜନାର ସୁଫଳତା ପାଇବା ପର୍ଯ୍ୟନ୍ତ ସବୁକୁ ନିଜେ ନିଶ୍ଚିତ କରନ୍ତି । ଯେଉଁଥିପାଇଁ ଦଳିତ ବର୍ଗରୁ ରାମନାଥ କୋବିନ୍ଦ ଏବଂ ଜନଜାତି ମହିଳା ଭାବେ ଦ୍ରେ ?ପଦୀ ମୁର୍ମୁ ଆଜି ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି । ସବୁଠୁ ଅଧିକ ଦଳିତ ଓ ଆଦିବାସୀ ସାଂସଦ ଆମ ଦଳରେ ଅଛନ୍ତି । ରେକର୍ଡ ସଂଖ୍ୟକ ପଛୁଆ ବର୍ଗର ମନ୍ତ୍ରୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଛନ୍ତି ।



ରାଜ୍ୟ ବିଜେପିର ଗତି କୁଆଡ଼େ ? ବିଜେପି କାର୍ଯ୍ୟକର୍ତା, ନେତା ଓ ସର୍ବୋପରି ନୂଆ ସରକାର ଚାହୁଁଥିବା ଲକ୍ଷ ଲକ୍ଷ ଭୋଟରଙ୍କ ମନରେ ଏଭଳି ପ୍ରଶ୍ନ ସ୍ୱାଭାବିକ ଭାବେ ଉଙ୍କି ମାରୁଛି । ଗୋଟିଏ ପଟେ ନବୀନଙ୍କ ଲୋକପ୍ରିୟତା ଆକାଶଛୁଆଁ ହୋଇ ଯାଇଥିବାବେଳେ ଅପରପକ୍ଷରେ ବିଜେଡ଼ିର ସଂଗଠନ ଷ୍ଟେନଲେସ ଷ୍ଟିଲ ଭଳି ମଜବୁତ ହୋଇଯାଇଛି । ଯଦି ଏବେ ବିଜେପି ଓ ବିଜେଡ଼ିର ସ୍ଥିତିକୁ ତୁଳନା କରାଯାଏ, ତେବେ ବିଜେଡ଼ିର ସ୍ଥିତି କମ୍ଳାନ ବୟ ଭଳି ହୋଇଥିବାବେଳେ ବିଜେପି କୃମି ଆକ୍ରାନ୍ତ ପିଲା ଭଳି ମାନ୍ଦାଳିଆ ହୋଇଯାଇଛି । ଅପରପକ୍ଷରେ କଂଗ୍ରେସର ସ୍ଥିତି ନକହିଲେ ଭଲ । ନଗଡ଼ାର ଅପପୁଷ୍ଟି ପିଲା ଭଳି ଏବେ କଂଗ୍ରେସର ଅବସ୍ଥା ଅଛି ବୋଲି କହିଲେ ଭୁଲ ହେବନାହିଁ ।

ଏବେ କିନ୍ତୁ ଶାହାଙ୍କ ଗସ୍ତ ରାଜ୍ୟ ବିଜେପି ମନରେ ବେଶ ଆଶା ଭରି ଦେଇଥିଲା । 'ଲୋକ ବିଜେପିକୁ ହିନ୍ଦୀ ଭାଷୀଙ୍କ ଦଳ କହୁଥିଲେ । କିନ୍ତୁ ଏବେ ପୂରା ଉତର ପୂର୍ବ ଭାରତରେ ବିଜେପି ସରକାର ଅଛି । ଗୁଜୁରାଟ, କର୍ଣ୍ଣାଟକ ଭଳି ରାଜ୍ୟରେ ବି ସରକାର ଗଢ଼ିଛୁ । ଓଡ଼ିଶାରେ ବି ବିଜେପି ସରକାର ଆସିବ ।' ଶାହାଙ୍କ ଏଭଳି କଥା ଓଡ଼ିଶା ବିଜେପିର ଆତ୍ମବିଶ୍ୱାସ ଫେରାଇ ଆଣିଛି ବୋଲି କେତେକ ରାଜନୀତିକ ପର୍ଯ୍ୟବେକ୍ଷକମାନେ ମତପୋଷଣ କରନ୍ତି । ତେବେ ନିରିଖେଇ ଦେଖିଲେ ରାଜନେତାମାନଙ୍କର ଏହା ଏକ ସ୍ୱାଭାବିକ କଥା । କାଲି ଯଦି ଅରବିନ୍ଦ କେଜ୍ରିୱାଲ ଓଡ଼ିଶା ଆସନ୍ତି ସେ ମଧ୍ୟ ଓଡ଼ିଶାରେ ଆପ ସରକାର ଗଢ଼ିବ ବୋଲି କହିବେ । କାହିଁକିନା ରାଜନୀତିକ ଦଳଗୁଡ଼ିକ ଜିତିବା ପାଇଁ ହିଁ ନିର୍ବାଚନ ଲଢ଼ିଥା'ନ୍ତି । ହାରିବା ଜାଣିଥିଲେବି ପ୍ରାର୍ଥୀ ଯେଉଁଭଳି ଜିତିବାର ଆସ୍ପର୍ଦ୍ଧା ପ୍ରକାଶ କରେ ଠିକ ସେମିତି ଅମିତ ଶାହାଙ୍କ କଥାକୁ ଆମେ ତୁଳନା କରିବାକୁ ବାଧ ହେଉଛୁ । କାହିଁକି ୨୦୧୭ ମସିହାର ରାଜ୍ୟ ବିଜେପି ଆଉ ନାହିଁ । କଂଗ୍ରେସ ଭଳି ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି । ମୂଳରୁ ମାଇପ ନାହିଁ ପୁଅ ନାଁ ଗୋପାଳିଆ ଭଳି ଦଳର ସଂଖ୍ୟା ନାହିଁ, କିନ୍ତୁ ମାଳମାଳ ଆତ୍ମଘୋଷିତ ମୁଖ୍ୟମନ୍ତ୍ରୀମାନେ ବିଜେପି ଅଳିନ୍ଦରେ ପଇଁତରା ମାରୁଥିବା ଲକ୍ଷ୍ୟ କରାଯାଉଛି ।

ଏସବୁ ଭିତରେ ଦଳର ନେତାମାନଙ୍କ ସହ ଆଲୋଚନା କାଳରେ ଅମିତ ଶାହାଙ୍କ ମନ୍ତବ୍ୟ ବେଶ ପ୍ରଣିଧାନ ଯୋଗ୍ୟ । ଶାହା ପୂର୍ବରୁ ମିଶନ ଟ୍ୱେଣ୍ଟିର ନାରା ଦେଇଥିଲେ । ଏଥର ଓଡ଼ିଶାରେ ୱାନ୍ ଟ୍ୱେଣ୍ଟି, ପଦ୍ମ ଆସୁଛି ଫୁଟିଫୁଟି ବୋଲି ଜୋରରେ ଚିତ୍କାର କରୁଥିଲେ ବିଜେପି ନେତା । କିନ୍ତୁ ୨୦୧୯ରେ ଓଲଟା ହୋଇଗଲା । ମିଶନ ୱାନ୍ ଟ୍ୱେଣ୍ଟି, ହେଲେ ପଦ୍ମ ଗଲା ଫାଟି ବୋଲି ବ୍ୟଙ୍ଗାତ୍ମକ ଢଙ୍ଗରେ ଅନେକ ମତପୋଷଣ କରିବାକୁ ପଛାଇନଥିଲେ । ଏଥର ଶାହା ଆଲୋଚନା କାଳରେ ଆମେ ସରକାର ଗଢ଼ିବୁ ବୋଲି ଚିରାଚରିତ ଭାବେ କହିଲେ ବି ୱାନ ଟ୍ୱେଣ୍ଟି ଭଳି ବାହାସ୍ଫୋଟ ମାରିନଥିଲେ । କାହିଁକିନା ଜାତୀୟ ରାଜନୀତିର ଚାଣକ୍ୟ ଅମିତ ଶାହା ଭଲ ଭାବରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ଅବଗତ । ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ଭୋଟ ନିକିତିରେ ତଉଲିବା ପରେ ଶାହା ଓ ମୋଦି ଯେ, ଓଡ଼ିଶା ଆଶା ଛାଡ଼ିଦେଇଛନ୍ତି କହିଲେ ଭୁଲ ହେବନାହିଁ । ନିଜ ବକ୍ତବ୍ୟରେ ଶାହା ରାଜ୍ୟ ବିଜେପି ନେତାଙ୍କ ଉପରେ ବର୍ଷିଥିଲେ । କାହିଁକିନା କେନ୍ଦ୍ରୀୟ ନେତୃତ୍ୱ ନବୀନଙ୍କ ପ୍ରତି ନୀରବ ରହୁଛନ୍ତି, ପୂର୍ବଭଳି ମୋଦି, ଶାହା କିମ୍ବା ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ରାଜ୍ୟରେ ବଡ଼ ବଡ଼ ସମାବେଶ କରୁନାହାନ୍ତି ବୋଲି କେତେକ ନେତା ମତ ଦେଇଥିଲେ । ଯେଉଁଥିପାଇଁ ଦଳର ସଂଗଠନ ଦୋହଲି ଯାଇଥିଲା ବୋଲି ଶାହାଙ୍କୁ କହିଥିଲେ ରାଜ୍ୟ ବିଜେପି ନେତା । ତେବେ ରାଜ୍ୟ ବିଜେପିର କାର୍ଯ୍ୟକ୍ରମକୁ ନେଇ ଶାହା ବର୍ଷିଥିଲେ । ବଡ଼ ବଡ଼ ବୈଠକ କରିଦେଲେ ସଂଗଠନ ବଢ଼ିବ ନାହିଁ କି ଦଳ ଜିତିପାରିବ ନାହିଁ । ଏକଥା ରାଜ୍ୟ ବିଜେପିର ନେତୃତ୍ୱ ଅନୁଭବ କରନ୍ତୁ ବୋଲି ଶାହା ପରୋକ୍ଷରେ ଶୁଣାଇ ଦେଇଥିଲେ । ସାଂଗଠନିକ ଶକ୍ତି ବୃଦ୍ଧି ପାଇଁ ସଭାପତି ଥିବାବେଳେ ଶାହା ଅନେକ ରଣନୀତିର ବ୍ଲୁପ୍ରିଂଟ ନେତାମାନଙ୍କୁ ଦେଇଛନ୍ତି । ଯେପରିକି ମୋ ବୁଥ, ସବୁଠୁ ମଜବୁତ । ଅର୍ଥାତ ବୁଥ ସ୍ତରରେ କାର୍ଯ୍ୟକର୍ତାମାନେ ପରିଶ୍ରମ କଲେ ଯାଇ ଦଳର ଭୋଟ ବଢ଼େ । ଦଳ ସେହି ଆଧାରରେ ହିଁ ବିଜୟର ସ୍ୱାଦ ଚାଖି ପାରିବ । ବୁଥରେ ସଂଗଠନ ବୃଦ୍ଧି, କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଁଚାଇବାକୁ କେନ୍ଦ୍ରୀୟ ନେତାମାନେ ମନା କରିନାହାନ୍ତି । ଏସବୁ ସତ୍ୱେ ଦଳ ଚୁପ କାହିଁକି ବୋଲି ଶାହା ପ୍ରଶ୍ନ କରିଥିଲେ । ବିଧାୟକ ଓ ସାଂସଦମାନେ ମଧ୍ୟ ସଂଗଠନ କରୁନଥିବାରୁ ଶାହା ଫିଙ୍ଗିକି ଯାଇଥିଲେ । ଶାହା ଏହି ପରିପ୍ରେକ୍ଷୀରେ ଦଳୀୟ ନେତାମାନଙ୍କୁ ସାଂଗଠନିକ ପୁନର୍ବିନ୍ୟାସ ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଦଳର ନେତା ଓ କାର୍ଯ୍ୟକର୍ତାମାନେ ନିୟମିତ ଭାବେ ଆଲୋଚନା କରନ୍ତୁ । ସାଂସଦମାନେ ଆଉ ଦୁଇଟି ସଂସଦୀୟ କ୍ଷେତ୍ରର ଦାୟିତ୍ୱ ନିଅନ୍ତୁ । ବିଧାୟକମାନେ ପଡ଼ୋଶୀ ନିର୍ବାଚନମଣ୍ଡଳୀରେ ସାଂଗଠନିକ ଶକ୍ତି ବୃଦ୍ଧି କରନ୍ତୁ । ଅବଶ୍ୟ ଏଭଳି କରାଗଲେ ଦଳର ଶକ୍ତି ବଢ଼ିବା ସହ କାର୍ଯ୍ୟକର୍ତାମାନେ ଚଳଚଂଚଳ ହୋଇପାରିବେ । କିନ୍ତୁ ନିର୍ବାଚନ ପାଇଁ ହାତରେ ମାତ୍ର ବର୍ଷେ ସମୟ । ଅନେକ ବିଜେପି ବିଧାୟକମାନଙ୍କ ନିର୍ବାଚନମଣ୍ଡଳୀରେ ବି ବିଜେଡ଼ିର ସ୍ଥିତି ମଜବୁତ ହୋଇସାରିଲାଣି । ଏଭଳି ସ୍ଥିତିରେ ନିଜ ଘର ନସଜାଡ଼ି ପର ଘର ସଜାଡ଼ିବା ପାଇଁ ଯେ, ବିଜେପି ବିଧାୟକମାନେ ମନୋନିବେଶ କରିବେ ତାହା ଭାବିବା ବୋକାମୀ ହେବ । ପରିଶେଷରେ ଗୋଟିଏ କଥା କୁହାଯାଇପାରେ, ଏତେ ସପନକୁ ରାତି କାହିଁ ?



# ଭିକ୍ଷାବୃତ୍ତି

ପ୍ରଣତି ପାତ୍ର

> ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଛୋଟ ଶିଶୁମାନଙ୍କୁ ଶିକ୍ଷିତ ନକରି ଭିକ୍ଷାବୃତିରେ ନିୟୋଜିତ କରିବା, ଛୋଟ ପିଲାଙ୍କୁ ଭିକ୍ଷା ଦେବା ଦ୍ୱାରା ସେମାନଙ୍କ ମଧ୍ୟରେ ଆତ୍ମ ସମ୍ମାନବୋଧ ଲୋପ ପାଇଯାଏ। ସେମାନେ ବଡ଼ ହୋଇ ମାଗି ଖାଇବାକୁ ଏକ ଅଧିକାର ବୋଲି ଭାବିନିଅନ୍ତି।



'ମହାରାଜ ! ଆପଣଙ୍କ ସାନ ଭାଇ ରାଜ୍ୟରେ ବୌଦ୍ଧ ଭିକ୍ଷୁକଙ୍କ ବିରୋଧରେ ଅପପ୍ରଚାର କରୁଛନ୍ତି। ତାଙ୍କର ଧାରଣା ଆପଣ ଯେଉଁ ଦାନ ବୌଦ୍ଧ ଭିକ୍ଷୁଙ୍କ ଉଦ୍ଦେଶ୍ୟରେ ଦେଉଛନ୍ତି, ସେଥିରେ ସେମାନେ ଭୋଗବିଳାସ କରୁଛନ୍ତି। ସୁସ୍ଥ ସବଳ ଶରୀର ଥିବା ସତ୍ତ୍ୱେ ସେମାନେ କର୍ମ ନ କରି ଦାନ ଉପରେ ନିର୍ଭର କରୁଛନ୍ତି ବୋଲି କୁମାର ଜନମାନସରେ ବିଭିନ୍ନ ଧାରଣା ସୃଷ୍ଟି କରାଉଛନ୍ତି'- ଗୁପ୍ତଚର କହିଲେ।

ବୌଦ୍ଧ ଭିକ୍ଷୁମାନଙ୍କ ସଂସ୍ପର୍ଶରେ ଆସି ସମ୍ରାଟ ଅଶୋକଙ୍କ ମଧ୍ୟରେ ଅଭୂତପୂର୍ବ ରୂପାନ୍ତରଣ ହୋଇପାରିଛି। ଅତୀତରେ ଚଣ୍ଡାଶୋକ, ଆଜି ଧର୍ମାଶୋକ ନାମରେ ପରିଚିତ। ମନରେ ବିରସ ଭାବ ନେଇ ସମ୍ରାଟ ସଭାଗୃହ ଆଡ଼େ ଅଗ୍ରସର ହୁଅନ୍ତେ, ଦେଖିଲେ ତାଙ୍କ ସାନ ଭାଇ ତାଙ୍କ ସିଂହାସନ ଉପରେ ବସି କେତେକ ମନ୍ତ୍ରୀମାନଙ୍କ ସହ ଆଲୋଚନା କରୁଛନ୍ତି। ଅଶୋକଙ୍କୁ ହଠାତ୍ ଦେଖି ସାନଭାଇ ଭୟଭୀତ ହେଲେ ଓ ସିଂହାସନରୁ ଉଠିଯାଇ କୈଫିୟତ ଦେବାକୁ ଚେଷ୍ଟାକଲେ। ସେ କିଛି କହିବା ପୂର୍ବରୁ ଅଶୋକ ପଚାରିଲେ, 'ତେବେ ତୁମର ଧାରଣା ଯେ, ମୁଁ ବୌଦ୍ଧ ଭିକ୍ଷୁମାନଙ୍କୁ ଦାନ ଦେଉଛି, ସେଥିରେ ସେମାନେ ଭୋଗବିଳାସ କରୁଛନ୍ତି ଓ ରାଜ୍ୟର ରାଜକୋଷ ସେଥିପାଇଁ ଖାଲି ହେବାରେ ଲାଗିଛି ?'

କୁମାର ଉତ୍ତର ଦେଲେ - 'ମହାରାଜ ! କ୍ଷମା କରନ୍ତୁ, କିନ୍ତୁ ପରିଶ୍ରମ କରୁନଥିବା ଦଳେ ଭିକାରୀମାନଙ୍କ ପାଇଁ ଆପଣ ଭବନ ନିର୍ମାଣ କରି ଅନ୍ନଜଳର ବ୍ୟବସ୍ଥା କରୁଛନ୍ତି। ଅପରପକ୍ଷେ ରାଜ୍ୟରେ ଆହୁରି ଅନେକ ସମସ୍ୟା ରହିଛି, ଯେଉଁଥିପାଇଁ ଧନର ଆବଶ୍ୟକତା ରହିଛି।'

ଅଶୋକ କ୍ରୋଧାନ୍ୱିତ ହୋଇ କହିଲେ, 'ତା ହେଲେ ତୁମେ ମୋ ନିଷ୍ପତ୍ତିର ବିରୋଧ କରିବ ? ପ୍ରକୃତ ସତ୍ୟକୁ ନବୁଝି ଜନତାଙ୍କ ମନରେ ବୌଦ୍ଧଭିକ୍ଷୁଙ୍କ ନାମରେ ଭ୍ରାନ୍ତି ସୃଷ୍ଟି କରିବ ? ପୁଣି ମୋ ଅନୁପସ୍ଥିତିରେ ମୋ ସିଂହାସନ ଉପରେ ବସି ସମ୍ରାଟ ହେବାର ସ୍ୱପ୍ନ ଦେଖୁଛ ! ତୁମେ ମୋ ସହିତ ବିଶ୍ୱାସ ଘାତକତା କରୁଛ।'

କେହି କିଛି କହିବା ପୂର୍ବରୁ ଅଶୋକ ଘୋଷଣା କଲେ, 'ଏହିକ୍ଷଣି କୁମାର ଭିଟ୍ଟାଶୋକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ।'

କୁମାର ଭୟରେ ଥରିବାକୁ ଲାଗିଲେ ଓ ଅଶୋକଙ୍କ ପାଦ ତଳେ ପଡ଼ି କ୍ଷମା ପ୍ରାର୍ଥନା କଲେ। ସଭାରେ ଉପସ୍ଥିତ ସମସ୍ତ ସଭାସଦ୍ କୁମାରଙ୍କୁ କ୍ଷମା ଦେବା ପାଇଁ ଅନୁନୟ କଲେ। ତଥାପି ସମ୍ରାଟ ନିଜ ନିଷ୍ପତ୍ତିରେ ଅଟଳ ରହିଥାନ୍ତି। ସେ ନିର୍ଦ୍ଦେଶ ଦେଲେ ଯେ, କୁମାରଙ୍କ ମନରେ ମୃତ୍ୟୁର ଭୟ ତୀବ୍ର ଆକାରରେ ସଂଚାର ହୋଇଛି। ତାଙ୍କୁ ସାତ ଦିନ ପରେ ମୃତ୍ୟୁ ଦଣ୍ଡ ଦିଆଯିବ। ଜୀବନସାରା ସେ ଯେଉଁ ଭୋଗବିଳାସ ଚାହୁଁଥିଲେ ସେ ସମସ୍ତ ଇଚ୍ଛା ସାତ ଦିନ ମଧ୍ୟରେ ପୂରଣ କରାଯିବ।

ସୈନିକମାନେ କୁମାରଙ୍କୁ ବିଳାସଭବନ ଆଡ଼କୁ ନେଇଗଲେ। ବିଳାସ ଭବନରେ ସମସ୍ତ ଇନ୍ଦ୍ରିୟ ସୁଖର ବ୍ୟବସ୍ଥା ଥାଏ। ଏକଦା ଅଶୋକ ଏଠାରେ ନିଜ ଚିତ୍ତ ବିନୋଦନ ନିମନ୍ତେ ଆସୁଥିଲେ। କୁମାର ବିଷାଦଗ୍ରସ୍ତ ଅବସ୍ଥାରେ ବିଳାସଭବନ ଭିତରେ ନଜରବନ୍ଦୀ ହୋଇ ରହିଲେ। ଭବନ ବାହାରେ ଜଣେ ପ୍ରହରୀ ପ୍ରତି ପ୍ରହରକୁ ଥରେ ଘଣ୍ଟା ବାଡ଼େଇ ସରିଆସୁଥିବା ସମୟ ବିଷୟରେ ସଚେତନ କରୁଥାଏ। ମଧ୍ୟ ରାତ୍ରିରେ ଆଉ କେତେଦିନ ବାକି ରହିଲା, ଘୋଷଣା କରୁଥାଏ।

ସାତ ଦିନ ସରିଲା। କୁମାର ଭିଟ୍ଟାଶୋକଙ୍କୁ ମୃତ୍ୟୁଦଣ୍ଡ ଦେବା ନିମନ୍ତେ ଦଣ୍ଡସ୍ଥଳୀକୁ ନିଆଗଲା। ଶରୀର ଦୁର୍ବଳ ହୋଇଯାଇଥାଏ କିନ୍ତୁ ସେ ନିରବ ଓ ପ୍ରଶାନ୍ତ ଦେଖାଯାଉଥାନ୍ତି। ମୃତ୍ୟୁଦଣ୍ଡ ପୂର୍ବରୁ ଶେଷ ଇଚ୍ଛାରେ ସେ ସମ୍ରାଟଙ୍କ ସହିତ ବ୍ୟକ୍ତିଗତ ଭାବେ କିଛି କଥାବାର୍ତ୍ତା କରିବାକୁ ଇଚ୍ଛା ପ୍ରକାଶ କଲେ।

ଅଶୋକ ଦଣ୍ଡସ୍ଥଳୀକୁ ଆସି ପ୍ରଶ୍ନ କଲେ - 'ମୃତ୍ୟୁ ତୁମ ସମ୍ମୁଖରେ ଉପସ୍ଥିତ। ଆହୁରି କ'ଣ କହିବାକୁ ବାକି ଅଛି ? କୁମାର କହିଲେ - 'ମୋତେ ମୃତ୍ୟୁଦଣ୍ଡରୁ ମୁକ୍ତ କରିବା ପାଇଁ ପ୍ରାର୍ଥନା କରୁନାହିଁ। ଖାଲି ଏତିକି କହୁଛି ଯେ ମୁଁ ନିର୍ଦ୍ଦୋଷ।' ସମ୍ରାଟ ସ୍ମିତହାସ୍ୟ ଦେଇ କହିଲେ, 'ଠିକ୍ ଅଛି। ମୃତ୍ୟୁ ପୂର୍ବରୁ ଯେଉଁ ସାତ ଦିନ ପର୍ଯ୍ୟନ୍ତ ଏତେ ଭୋଗବିଳାସରେ ରହିଲ, ସେଥିପାଇଁ ମୋତେ ଧନ୍ୟବାଦ ତ କରିଦିଅ।'

କୁମାର ଉତ୍ତର ଦେଲେ, 'କେଉଁ ଭୋଗବିଳାସ କଥା କହୁଛନ୍ତି ସମ୍ରାଟ ? ପ୍ରତି ମୁହୂର୍ତ୍ତ ଆସନ୍ନ ମୃତ୍ୟୁର ଭୟରେ ମୁଁ କୌଣସି ଭୋଗବିଳାସର ସ୍ୱାଦ ଚାଖିନାହିଁ। ଯାହାର ସାତଦିନ ପରେ ମୃତ୍ୟୁ ହେବ, ସେ କ'ଣ ଶାନ୍ତିରେ ଖାଇପାରିବ ନା ଶୋଇପାରିବ ?'

ଅଶୋକ ଉତ୍ତର ଦେଲେ, 'ତେବେ ଯେଉଁ ବୌଦ୍ଧ ଭିକ୍ଷୁ ସଂସାରର ଓ ମଣିଷ ଜୀବନର କ୍ଷଣଭଙ୍ଗୁରତାକୁ ଅନୁଭବ କରିସାରିଛନ୍ତି, ସେମାନେ ଅନୁଭବ କରିସାରିଛନ୍ତି ଯେ ମୃତ୍ୟୁ ଦିନେ ନିଶ୍ଚୟ ଆସିବ। ସେମାନେ ମୋ ଦାନ ଅର୍ଥରେ କେମିତି ଭୋଗ ବିଳାସ କରିପାରିବେ ?'

କୁମାର ନିଜ ଭୁଲ ବୁଝିପାରିଥିଲେ। ସମ୍ରାଟ ଅଶୋକ ତାଙ୍କୁ ମୃତ୍ୟୁ ଦଣ୍ଡରୁ ମୁକ୍ତ କଲେ ଓ କହିଲେ, 'ଭାଇ, ଏବେ ବୁଝିଲ ତ ମୁଁ ବୌଦ୍ଧ ଭିକ୍ଷୁମାନଙ୍କ ନିମନ୍ତେ କାହିଁକି ଆବଶ୍ୟକୀୟ ପଦାର୍ଥର ବ୍ୟବସ୍ଥା କରିଛି। ସେମାନଙ୍କ ଜୀବନ ଏକ ବିଶାଳ ଲକ୍ଷ୍ୟ ନିମନ୍ତେ ସମର୍ପିତ। ଜୀବିକା ନିମନ୍ତେ ସେମାନେ ଶ୍ରମଦାନ କଲେ। ତାଙ୍କ ଶକ୍ତି ଅନ୍ୟ ଦିଗରେ ଅପଚୟ ହେବ। ସେମାନଙ୍କ ସାଧନା ନିରନ୍ତର ଓ ନିର୍ବିଘ୍ନରେ ହୋଇପାରିବ ତଥା ସେମାନେ ନିଜ ଶକ୍ତିକୁ ସାଧନା ନିମନ୍ତେ ସଂପୂର୍ଣ୍ଣ ରୂପେ ବିନିଯୋଗ କରିପାରିବେ। ସେଥିପାଇଁ ତାଙ୍କୁ କେବଳ ଶରୀର ରକ୍ଷା ନିମନ୍ତେ ଦାନ ଦିଆଯାଉଛି। ତା' ବଦଳରେ ସେମାନେ ସଂସାରର କଲ୍ୟାଣ ସାଧନ କରୁଛନ୍ତି। ଲୋକଙ୍କ ମଧ୍ୟରେ ଶାନ୍ତି, ଆନନ୍ଦ, ଦୟା ଓ ପ୍ରେମର ଭାବ ଉଜାଗର କରିବା ନିମନ୍ତେ ସହାୟକ ହେଉଛନ୍ତି। ତପସ୍ୟା ଅତ୍ୟଧିକ କଷ୍ଟାସାଧ ମାର୍ଗ। ସେମାନେ ଘର ସଂସାର ଭୋଗବିଳାସ ତ୍ୟାଗ କରି ସନ୍ନ୍ୟାସୀମାନଙ୍କ ଜୀବନ ଯାପନ କରୁଛନ୍ତି। ତା' ବଦଳରେ ତାଙ୍କ ନିମନ୍ତେ ସାମାନ୍ୟ ଖାଦ୍ୟପେୟ ଓ ରହିବାର ବ୍ୟବସ୍ଥା କରାଯାଉଛି।

ଭାରତୀୟ ସଂସ୍କୃତିରେ ଦାନ ଓ ଭିକ୍ଷାର ମହତ୍ତ୍ୱ ଉପରେ ଏହା ଥିଲା ଏକ ସୁନ୍ଦର ଦୃଷ୍ଟାନ୍ତ। ଏହି ମହତ ଉଦ୍ଦେଶ୍ୟର ପ୍ରକୃତ ମର୍ମ ନଜାଣି ଭାରତରେ ଲକ୍ଷ ଲକ୍ଷ କର୍ମକୋଡ଼ି ଭିକ୍ଷାବୃତ୍ତିକୁ ଜୀବିକା ଭାବରେ ଗ୍ରହଣ କରିଛନ୍ତି। ଦାନ ପାଇବା ଏହି ଭିକାରୀମାନେ ନିଜ ଅଧିକାର ବୋଲି ଭାବିଦିଅନ୍ତି। ଆଉ ସୁସ୍ଥ ସବଳ ବ୍ୟକ୍ତିଙ୍କୁ ନିଜ ପକେଟରୁ ଟଙ୍କା ଦେଇ ଆମେ ଦଳେ ନିକର୍ମା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିଥାଉ।

ପୂର୍ବକାଳରେ ଦାନ ଗ୍ରହଣ କରୁଥିବା ବ୍ୟକ୍ତି ପାଖରେ ସତ୍‌କର୍ମର ଫଳ ରହୁଥିଲା। ସାଧନାରୁ ଅର୍ଜିତ ଏହି ସତକର୍ମ ଅର୍ଜିତ ଫଳରୁ ସେମାନେ ଦାତାଙ୍କୁ ଆଶୀର୍ବାଦ କରୁଥିଲେ। ସୁସ୍ଥ ସବଳ ବ୍ୟକ୍ତିମାନେ ମାଗଣାରେ ଅନ୍ୟଠାରୁ କିଛି ଗ୍ରହଣ କରୁନଥିଲେ। ଭାରତର ଜନସାଧାରଣ ଆତ୍ମ ସମ୍ମାନ ତଥା ସ୍ୱାଭିମାନ ନିମନ୍ତେ ପରିଚିତ ଥିଲେ। ଯେଉଁ ସାଧନାରତ ସନ୍ନ୍ୟାସ ଦାନସୂତ୍ରରେ କିଛି ଗ୍ରହଣ କରୁଥିଲେ, ତାଙ୍କ ଆଶୀର୍ବାଦରେ ଦାତାର ଆଶ୍ଚର୍ଯ୍ୟଜନକ କଲ୍ୟାଣ ହେଉଥିଲା।

ବର୍ତ୍ତମାନ ଦେଖାଯାଉଛି, ଜନସଂଖ୍ୟା ବଢ଼ିବା ହିସାବରେ ଭିକାରୀମାନଙ୍କ ସଂଖ୍ୟା ମଧ୍ୟ ବଢ଼ିବଢ଼ି ଚାଲିଛି। ଏମାନଙ୍କ ପ୍ରକୃତ ସଂଖ୍ୟା ବିଷୟରେ କୌଣସି ସଠିକ୍ ତଥ୍ୟ ଉପଲବ୍ଧ ନାହିଁ। ଭାରତ ସାରା ସମସ୍ତ ସର୍ବସାଧାରଣ ସ୍ଥାନରେ ଭିକ୍ଷାବୃତି ଏକ ନିତିଦିନିଆ ବ୍ୟାପାର ହୋଇଗଲାଣି। ପରିତାପର ବିଷୟ ବଡ଼ ସହରମାନଙ୍କରେ ଶିଶୁମାନଙ୍କୁ ଅକ୍ଷମ କରି ଭିକ୍ଷାବୃତି ପାଇଁ ନିୟୋଜିତ କରାଯାଏ। ଅଫିସ ଯିବା ଉଦ୍ଦେଶ୍ୟରେ ନିଜ ଛୋଟ ପିଲାଙ୍କୁ ସ୍ଥାନୀୟ ଶିଶୁନିବାସରେ ଦେଇଯାଆନ୍ତି। ପରବର୍ତ୍ତୀ ସମୟରେ ସେ ଶିଶୁକୁ ନିଶା ଖୁଆଇ ଶୁଆଇ ଦିଆଯାଏ। କିଛି ମହିଳା ଶୋଇଥିବା ଶିଶୁଟିକୁ ନେଇ ରାସ୍ତାରେ ଯାଉଥିବା ଗାଡ଼ି ପାଖକୁ ନିଜକୁ ଶିଶୁର ମା' ବୋଲି ପରିଚୟ ଦେଇ ତା'ର ଦେହ ଖରାପ ଅଛି କହି ଭିକ୍ଷା ମାଗିଥାଆନ୍ତି।

ସୁସ୍ଥ ସବଳ କଥା ଦୂରରେ ଥାଉ, ସମାଜରେ ଏମିତି ବି କିଛି ଭିନ୍ନକ୍ଷମ ବ୍ୟକ୍ତି ଅଛନ୍ତି, ଯେଉଁମାନେ କିଛି ନା କିଛି କର୍ମକରି ନିଜ ଉଦରପୋଷଣ କରନ୍ତି। ନିଜ ଅକର୍ମଣ୍ୟତା ସତ୍ତ୍ୱେ ଜୀବିକାଟିଏ କରନ୍ତି ଓ ସ୍ୱାଭିମାନର ସହିତ ବଞ୍ଚି ରହନ୍ତି। ଅପରପକ୍ଷେ, ଖୁଚୁରା ପଇସା ବ୍ୟବସାୟ, ଶିଶୁମାନଙ୍କ ଶୋଷଣ, ନିଶାସେବନ, ଅପରିଚ୍ଛିନ୍ନତା ତଥା ଆତ୍ମ କରୁଣା ଦେଖାଇ ଅନ୍ୟକୁ ଠକିବା ଇତ୍ୟାଦି ଭିକ୍ଷାବୃତ୍ତିର ଅଂଶବିଶେଷ ପାଲଟିଛି। ଯେଉଁମାନେ ଜୀବିକା ଅର୍ଜନ ନିମନ୍ତେ ସମର୍ଥ, ସେମାନେ ଭିକ୍ଷା ମାଗୁଛନ୍ତି ଓ ଅନେକ ଏପରି ଭିକାରୀମାନଙ୍କ ଭିକ୍ଷା ଦେଇ ପ୍ରୋତ୍ସାହିତ କରୁଛନ୍ତି। ଯଦି ସମସ୍ତେ ଭିକ୍ଷା ଦେବା ବନ୍ଦ କରନ୍ତେ ତେବେ ସେମାନେ ଅନ୍ୟୋପାୟ ନହୋଇ ଜୀବିକା ପାଇଁ କିଛି ବାଟ ଖୋଜନ୍ତେ। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଛୋଟ ଶିଶୁମାନଙ୍କୁ ଶିକ୍ଷିତ ନକରି ଭିକ୍ଷାବୃତିରେ ନିୟୋଜିତ କରିବା, ଛୋଟ ପିଲାଙ୍କୁ ଭିକ୍ଷା ଦେବା ଦ୍ୱାରା ସେମାନଙ୍କ ମଧ୍ୟରେ ଆତ୍ମ ସମ୍ମାନବୋଧ ଲୋପ ପାଇଯାଏ। ସେମାନେ ବଡ଼ ହୋଇ ମାଗି ଖାଇବାକୁ ଏକ ଅଧିକାର ବୋଲି ଭାବିନିଅନ୍ତି।

ଭାରତରେ ସନ୍ନ୍ୟାସୀ ଓ ସଂସାର ତ୍ୟାଗୀମାନଙ୍କୁ ଭିକ୍ଷା ଦେବା ପୂଣ୍ୟଅର୍ଜନ କରିବା ସହିତ ତୁଳନା କରାଯାଉଥିଲା। ଏଥିରେ ଦାତାର ମନ ନିର୍ମଳ ହେଉଥିଲା। କାରଣ ଏହି ଗୃହତ୍ୟାଗୀମାନେ କେବଳ ଉଦରପୋଷଣ ନିମନ୍ତେ ଭିକ୍ଷା ଗ୍ରହଣ କରୁଥିଲେ। ସମୟ କ୍ରମେ ଏହି ମହାନ ବିଚାରଧାରା ଏକ ରୁଗ୍ଣ ସାମାଜିକ ସମସ୍ୟାରେ ପରିଣତ ହୋଇଯାଇଛି। ଯିଏ କିଛି କାମ୍ କରି ପେଟ ପୋଷିବାକୁ ଚାହିଁବ ତାକୁ ନିଶ୍ଚୟ କିଛି ନା କିଛି କାମ ମିଳିଯିବ। ଏହି ଘୃଣ୍ୟ ପ୍ରଥା ଯୋଗୁଁ ଆମ ଦେଶ ଅନ୍ୟ ଦେଶ ଆଗରେ କେତେ ଚକ୍ଷୁଶୀଳ ହେଉଛି, ତାହା ବିଚାର କରିବା କଥା।

ଆଗାମୀ ଭାରତରେ ଯେତେବେଳେ ଏ ଦେଶ ପୃଥିବୀରେ ବିଭିନ୍ନ କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରହୁଥିବା ସ୍ୱାଭିମାନ ହୀନ ଗୋଷ୍ଠୀ ସବୁବେଳେ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବେ। କେହି ଅସୁବିଧାରେ ପଡ଼ିଥିଲେ, ସାହାଯ୍ୟ କରିବା ମାନବ ଧର୍ମ, କିନ୍ତୁ ଯେଉଁମାନେ ଅଳସୁଆ, କାମ କରିବା ପାଇଁ ସୁଯୋଗ ଥିଲେ ମଧ୍ୟ କରନ୍ତି ନାହିଁ ସେମାନଙ୍କୁ ସାହାଯ୍ୟ କରିବା କେତେଦୂର ଯଥାର୍ଥ ?

ମୋ- ୯୪୩୭୧୩୪୮୮୮
ଇ-ମେଲ : pranatipatromail@gmail.com

## ପିଉଛନ୍ତି କି ଅଧିକ କୋଲ୍ଡ ଡ୍ରିଙ୍କସ ହୋଇପାରେ ଘାତକ




ମୃଦୁ ପାନୀୟ ବା କୋଲ୍ଡ ଡ୍ରିଙ୍କସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଜାଣି ମଧ୍ୟ ଲୋକେ ପିଉଛନ୍ତି । ଘରକୁ ଗେଷ୍ଟ ଆସିଲେ ସଙ୍ଗେସଙ୍ଗେ ଅଣାଯାଏ କୋଲ୍ଡଡ୍ରିଙ୍କସ୍ । ଏହା ସହିତ ଅଧିକାଂଶ ଲୋକେ ଖରାଦିନରେ ଘରେ ଫ୍ରିଜରେ ଭର୍ତ୍ତି କରି ରଖନ୍ତି କୋଲ୍ଡ ଡ୍ରିଙ୍କସ୍ । ମୃଦୁ ପାନୀୟ ପିଇବା ଅନେକଙ୍କର ଏକ ଅଭ୍ୟାସ। କିନ୍ତୁ କୋଲ୍ଡ ଡ୍ରିଙ୍କସ୍ ଏକ ଅଭ୍ୟାସରେ ପରିଣତ ହୋଇଗଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ଖାଇବା ଧାରାକୁ ପ୍ରଭାବିତ କରିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି।

କେବଳ ସେତିକି ନୁହେଁ ଓଜନ ବଢ଼ାଇବାରେ ଏହା ମଧ୍ୟ କେତେକାଂଶରେ ସହାୟକ ହୋଇଥାଏ ବୋଲି ଏଭଳି ଗବେଷଣା କରିଥିବା ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ପ୍ରାୟ ନିୟମିତ ମୃଦୁପାନୀୟ ପିଉଥିବା କିଛି ବ୍ୟକ୍ତିଙ୍କର ଖାଇବା ଧାରାକୁ ସେମାନେ ତନ୍ନ ତନ୍ନ କରି ତର୍ଜମା କରିବା ପରେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ମେଦବହୁଳତା ସମସ୍ତଙ୍କ ଚିନ୍ତାର କାରଣ ସାଜିଛି।

ଉକ୍ତ ୟୁନିଭର୍ସିଟିର ଗବେଷକଙ୍କ ମତରେ ମୃଦୁ ପାନୀୟରେ 'ସୁକ୍ରୋଜ' ନାମକ ତତ୍ତ୍ୱ ରହିଛି ଯାହା ମେଦବହୁଳତା ବୃଦ୍ଧି କରିଥାଏ। ତା'ସହ ଭୋକ ପରିମାଣକୁ ଏହା ମଧ୍ୟ ବଢ଼ାଇ ଦେଇଥାଏ।

ଯଦି ମୃଦୁ ପାନୀୟରେ ମିଠା ଅଂଶ ଆବଶ୍ୟକତାଠାରୁ ଅଧିକ ରହିଲା ତେବେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ଗର୍ଭବତୀ ମହିଳାଙ୍କୁ ଅମୃତଭଣ୍ଡା, ସପୁରୀ ଖାଇବା ମନା, କାହିଁକି ଜାଣନ୍ତୁ ?

**ଗର୍ଭଧାରଣ ସମୟ ପ୍ରତି ମହିଳା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମାତ୍ର ଏହି ସମୟରେ ଗର୍ଭବତୀ ମହିଳାମାନେ କ'ଣ ଖାଇବେ, କ'ଣ ଖାଇବେ ନାହିଁ ତାହା ସବୁବେଳେ ଏକ ବଡ଼ ପ୍ରଶ୍ନବାଚୀ ହୋଇ ଉଭା ହୋଇଥାଏ । ଗର୍ଭଧାରଣକୁ ନେଇ ଥିବା କିଛି ପୁରୁଣା ଧାରଣା ଉପରେ ନିଜ ମତ ରଖିଛନ୍ତି ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ଆଇଭିଏଫ୍ ବିଶେଷଜ୍ଞ ଡକ୍ଟର ଅରଖାନା ଧାଓ୍ୱନ ବଜାଜ ।**



➤ ଗର୍ଭାବସ୍ଥାରେ ଅମୃତଭଣ୍ଡା ଖାଇବା ଉଚିତ କି ନୁହେଁ ତାହା ସବୁଠୁ ଏକ ବଡ଼ ଗୁଜବ । ଏହି ସମୟରେ ଅମୃତଭଣ୍ଡା ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ ଏହାର କ'ଣ ପ୍ରଭାବ ପଡ଼େ ସେ ନେଇ ଭିନ୍ନ ମତ ଶୁଣିବାକୁ ମିଳେ। ଏନେଇ ଡକ୍ଟର ଅରଖାନା କହିଛନ୍ତି, ବାସ୍ତବରେ କଞ୍ଚା କିମ୍ବା ଦର ପାଚିଲା ଅମୃତଭଣ୍ଡାରେ ଥିବା ଲାଟେକ୍ସ ଏବଂ ପେପେନ୍ ଗର୍ଭରେ ବଢୁଥିବା ଭୃଣ ପାଇଁ କ୍ଷତିକାରକ। ହେଲେ ପାଚିଲା ଅମୃତଭଣ୍ଡା ଗର୍ଭାବସ୍ଥାରେ ଖାଇବା ଲାଭଦାୟକ ହୋଇଥାଏ। ମାତ୍ର ଲୋକେ କଞ୍ଚା, ଦରପାଚିଲା ଓ ପାଚିଲା ଅମୃତଭଣ୍ଡାକୁ ନେଇ ଯେପରି ଦ୍ୱନ୍ଦ୍ୱରେ ନ ପଡ଼ନ୍ତୁ ସେଥିନିମନ୍ତେ ଡାକ୍ତରମାନେ ଗର୍ଭାବସ୍ଥାରେ ଅମୃତଭଣ୍ଡା ଖାଇବାକୁ ମନା କରିଦେଇଥାନ୍ତି। ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଗର୍ଭ ନଷ୍ଟ ହେବାର ଆଶଙ୍କା ନ ଥାଏ।

➤ ମାତ୍ର ଗର୍ଭାବସ୍ଥାରେ ସପୁରୀ ଖାଇବାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇବା ଉଚିତ । କାରଣ ଏହା ଗର୍ଭରେ ଥିବା ଶିଶୁ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ବୋଲି କହିଛନ୍ତି ଡା.ଅରଖାନା ।

➤ ଗର୍ଭାବସ୍ଥାରେ ପାଳଙ୍ଗ ଶାଗ ଖାଇବା ଉଚିତ ନୁହେଁ ବୋଲି ବହୁ ପୁରୁଣା କାଳରୁ ଶୁଣିବାକୁ ମିଳୁଛି। ହେଲେ ପାଳଙ୍ଗରେ ଭରପୁର ମାତ୍ରାରେ ଆଇରନ ଥାଏ। ଯାହାକି ଉଭୟ ମା' ଓ ଗର୍ଭସ୍ଥ ଶିଶୁ ପାଇଁ ଖୁବ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। କିନ୍ତୁ ରୋଷେଇ ପୂର୍ବରୁ ଏହାକୁ ଭଲ ଭାବେ ଧୋଇ ଦିଅନ୍ତୁ। କେବଳ ସେତିକି ନୁହେଁ ବାଇଗଣ ବି ଏହି ସମୟରେ ଖାଇହେବ । କାରଣ ଏଥିରେ ଥିବା ପୋଷକ ତତ୍ତ୍ୱ ଉଭୟ ମା' ଓ ଶିଶୁ ପାଇଁ ଭଲ ।

➤ ନଡ଼ିଆରେ ସାଧାରଣତଃ ପୋଟାସିୟମ ଥିବାରୁ ଗର୍ଭାବସ୍ଥାରେ ଏହାକୁ ଖାଇଲେ ଭୃଣର ବିକାଶରେ ଏହା ସହାୟକ ହୋଇଥାଏ। ତେଣୁ ଗର୍ଭାବସ୍ଥାରେ ଏହାକୁ ଭରପୁର ମାତ୍ରାରେ ସେବନ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି।

➤ ପ୍ରେଗନେନ୍ସି ସମୟରେ ସାଧାରଣତଃ ମହିଳାମାନଙ୍କୁ ଡାର୍କ ଚକୋଲେଟ ବେଶି ଖାଇବାକୁ ବାରଣ କରାଯାଇଥାଏ। କାରଣ ଏହାର ପ୍ରଭାବ ପିଲାର ରଙ୍ଗ ଉପରେ ପଡ଼ିଥାଏ ବୋଲି ବିଶ୍ୱାସ ରହିଛି। ହେଲେ ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି ଡା. ଅରଖାନା ଧାଓ୍ୱନ ବଜାଜ । ତେଣୁ ଏହି ସମୟରେ ଗର୍ଭବତୀ ମହିଳାମାନେ ନିଜ ମନ ପସନ୍ଦ ଚକୋଲେଟର ମଜା ଉଠାଇ ପାରିବେ।

➤ ଗର୍ଭଧାରଣ ସମୟରେ ଭରପୁର ମାତ୍ରାରେ ଡ୍ରାଏ ଫ୍ରୁଟସ୍ ଖାଇବା ଉଚିତ। ଏହି ସମୟରେ ପ୍ରଥମ ଟ୍ରାଇମେଷ୍ଟାର ସମୟରେ ଡ୍ରାଏ ଫ୍ରୁଟସ୍ ଖାଇବା ଉଚିତ ନୁହେଁ ବୋଲି ଲୋକଙ୍କ ମଧ୍ୟରେ ଧାରଣା ଥିବା ବେଳେ ଏହା ଭୁଲ୍ ବୋଲି କହିଛନ୍ତି ବିଶେଷଜ୍ଞ। ଗର୍ଭଧାରଣ ପରଠୁ ମହିଳାମାନେ ପ୍ରତିଦିନ ୨ଟି ଭିଜା ଯାଇଥିବା ବାଦାମ, ଗୋଟିଏ ଅଞ୍ଜିର, ୨ଟି କାଜୁ ଓ ୫, ୬ଟି କିସମିସ୍ ଖାଇବା ଉଚିତ। ଏହା ଉଭୟ ମା' ଓ ଗର୍ଭସ୍ଥ ଶିଶୁ ପାଇ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।

## ବୁଷ୍ଟର ଡୋଜ୍ ନେଇ ସୁସ୍ଥ ରହିବା ପାଇଁ ଅନୁରୋଧ କଲେ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ: କୋଭିଡ୍ ମହାମାରୀ ବିରୋଧୀ ଲଢ଼େଇକୁ ମଜବୁତ୍ କରିବା ପାଇଁ ଭାରତ ସରକାରଙ୍କ ତରଫରୁ ଅମୃତ ମହୋତ୍ସବ ଅବସରରେ ଜୁଲାଇ ୧୫ରୁ ଆରମ୍ଭ ହୋଇଥିବା ୭୫ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ସାମିଲ ହୋଇ ଖୁବ ଶୀଘ୍ର ବୁଷ୍ଟର ଡ଼ୋଜ୍ ନେଇ ସୁସ୍ଥ ରହିବା ପାଇଁ ଓଡ଼ିଶାର ଜନସାଧାରଣଙ୍କୁ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ବାର୍ତ୍ତା ମାଧ୍ୟମରେ କହିଛନ୍ତି ଯେ ଆଜି ଦେଶରେ ପୁଣି ଥରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଆଖି ଆଗରେ ରଖି ଦେଶ ଓ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଦ୍ରୁତ ଟିକାକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । କୋଭିଡ୍ ଲଢ଼େଇର ମାତ୍ର ୧୮ ମାସ ମଧ୍ୟରେ ୨୦୦ କୋଟିରୁ ଅଧିକ ଟିକାକରଣ କରାଇ ଭାରତ ସାରା ବିଶ୍ୱରେ ଇତିହାସ ରଚିଛି, ଯାହା ଖୁସିର ବିଷୟ । ନାଗରିକଙ୍କ ସୁରକ୍ଷା ପାଇଁ ଭାରତ ସରକାରଙ୍କ ତରଫରୁ ପ୍ରଥମେ କୋଭିଡର ଦୁଇଟି ଡୋଜ୍ ଏବଂ ଏବେ ବୁଷ୍ଟର ଡୋଜ୍ ମାଗଣାରେ ଦିଆଯାଉଛି । ଓଡ଼ିଶାର ୮୭ ପ୍ରତିଶତ ନାଗରିକ ଏ ପର୍ଯ୍ୟନ୍ତ ବୁଷ୍ଟର ଡ଼ୋଜ୍ ଟିକା ନେଇ ନାହାନ୍ତି। ଏବେ ବର୍ଷାଋତୁରେ କୋଭିଡ଼ ସଂକ୍ରମଣ ଆହୁରି ବଢ଼ିବାର ଆଶଙ୍କା ତିଆରି ହୋଇଛି । ଏହି କୋଭିଡ୍ ମହାମାରୀକୁ ପ୍ରତିହତ କରିବା ପାଇଁ ଏକମାତ୍ର ଅସ୍ତ୍ର ହେଉଛି ଟୀକା । ତେଣୁ ଯେଉଁମାନେ ପ୍ରିକସନ ଡୋଜ୍ ନେବା ପାଇଁ ଯୋଗ୍ୟ, ସେମାନେ କାଳ ବିଳମ୍ବ ନ କରି ତୁରନ୍ତ ନିକଟସ୍ଥ ସରକାରୀ ଚିକିତ୍ସାଳୟକୁ ଯାଇ ଡୋଜ୍ ନିଅନ୍ତୁ । ବୁଷ୍ଟର ଡୋଜ୍ ନେଇ ନ ଥିବା ଲୋକଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରନ୍ତୁ। କୋଭିଡ଼ ବିରୁଦ୍ଧରେ ଆମ ଲଢ଼େଇକୁ ଆହୁରି ବ୍ୟାପକ କରିବା ଏବଂ ସ୍ୱାଧୀନତାର ଅମୃତ ମହୋତ୍ସବକୁ ସଗୌରବେ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ନାଗରିକଙ୍କୁ ଆହ୍ୱାନ କରିଛନ୍ତି ।

## ବିଷ୍ଣୁପଦଙ୍କୁ ଉଚ୍ଚଶିକ୍ଷା, ଅରବିନ୍ଦଙ୍କୁ କୃଷି, ସଞ୍ଜୀୟଙ୍କୁ ଗ୍ରାମ୍ୟ ଉନ୍ନୟନ



ଭୁବନେଶ୍ୱର : ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। କେନ୍ଦ୍ରୀୟ ଡେପୁଟେସନ୍‌ରୁ ଫେରିଥିବା ଦୁଇ ଆଇଏଏସ୍ ଅଫିସର୍ ଅରବିନ୍ଦ ପାଢ଼ୀ ଓ ଅଶ୍ୱଥି ଏସ୍‌ଙ୍କୁ ନୂଆ ନିଯୁକ୍ତି ମିଳିଛି। ଶ୍ରୀ ପାଢ଼ୀଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ। ଅଶ୍ୱଥୀ ଏସ୍‌ଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ ଯେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା କୃଷି ବିଭାଗର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିଲେ। ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରାଯାଇଛି। ସେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିବେ। ଏବେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଥିବା ଶାଶ୍ୱତ ମିଶ୍ର ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ ଜାରି ରଖିବେ। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ତେବେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ, ବିଡିଏ ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ।


## ଆଇପିଏସ୍ ଓ ଓପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର : ରାଜ୍ୟ ସରକାର ଆଇପିଏସ୍ ଏବଂ ଓପିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ସେହିପରି ଆଡିସନାଲ ସୁପରିଟେଣ୍ଡେଣ୍ଟ ରାଙ୍କର ପୋଲିସ ଅଧିକାରୀଙ୍କୁ ସୁପରିଟେଣ୍ଡେଣ୍ଟ ରାଙ୍କ (ସୁପରଟାଇମ ସ୍କେଲ)କୁ ପଦୋନ୍ନତି କରାଯାଇଛି । ବୌଦ୍ଧ ଏସପି ଭାବେ ବଦଳି ହେଲେ ପ୍ରହ୍ଲାଦ ସାହାଇ ମୀନା । ସେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଏଆଇଜିପି ଭାବେ ଏବେ କାର୍ଯ୍ୟରତ । ସେହିଭଳି ଦେବଗଡ଼ ଏସପି ଭାବେ ନିଯୁକ୍ତ ହୋଇଛନ୍ତି ପ୍ରମୋଦ କୁମାର ରଥ । ସେ ଭୁବନେଶ୍ୱର- କଟକ କ୍ରାଇମ ଡିସିପି ଭାବେ କାର୍ଯ୍ୟରତ ଥିଲେ । ଜ୍ଞାନରଞ୍ଜନ ମହାପାତ୍ର ହେଲେ ସ୍ପେଶାଲ ବ୍ରାଞ୍ଚ ଏସପି । ଚିତ୍ତରଞ୍ଜନ ସାମନ୍ତ ହେଲେ ଭୁବନେଶ୍ୱର ଏସପି- କମ୍ପ୍ୟୁଟର, ଭୁବନେଶ୍ୱର । ସେହିଭଳି ସୁଦାମ ଚରଣ ସାହୁ ହେଲେ କ୍ରାଇମ ଡିସିପି କମିଶନରେଟ ପୋଲିସ । ସୟଦ ମୁଜିବୁର ରେହମାନ ହେଲେ ଏସପି ସିଗନାଲସ, କଟକ। କିଶୋର କୁମାର ପାଣିଗ୍ରାହୀଙ୍କୁ ଭୁବନେଶ୍ୱର ଏସଟିଏଫ ଏସପି ଭାବେ ନିଯୁକ୍ତି ମିଳିଛି । ଏବେ ସେ କମିଶନରେଟ ପୋଲିସର ଡିସିପି ଭାବେ ନିଯୁକ୍ତ ଅଛନ୍ତି ।

## ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ପରାମର୍ଶଦାତା କମିଟିର ସଦସ୍ୟ ହେଲେ ମାନସ ମଙ୍ଗରାଜ



ନୂଆଦିଲ୍ଲୀ: ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ମଙ୍ଗରାଜଙ୍କ ମନୋନୟନ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି । ମନ୍ତ୍ରଣାଳୟର ନୀତି ନିର୍ଦ୍ଧାରଣରେ ପରାମର୍ଶଦାତା କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ। ସୂଚନାଯୋଗ୍ୟ, ସାମୁଦ୍ରିକ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷର ସଦସ୍ୟ ଭାବେ ପୂର୍ବରୁ ନିର୍ବାଚିତ ହୋଇଥିଲେ।



## ପୁଣି ୧ରେ ନବୀନ, ଲୋକପ୍ରିୟତାର ଶୀର୍ଷରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ପୁଣି ନମ୍ବର ୱାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନିଜ ରାଜ୍ୟରେ ନବୀନ ପଟ୍ଟନାୟକ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ । ସର୍ବାଧିକ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଇଣ୍ଡିଆ ଟୁଡେ ମୁଡ୍ ଅଫ ନେସନ ପୋଲ୍ ସର୍ଭରେ ଏଭଳି ତଥ୍ୟ ପ୍ରକାଶ ପାଇଛି । ନବୀନ ପଟ୍ଟନାୟକ ୭୮ ପ୍ରତିଶତ ସହ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି । ଏହି ତାଲିକାରେ ୬୩ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତବିଶ୍ୱ ଶର୍ମା । ୬୧ ପ୍ରତିଶତ ସହ ତୃତୀୟ ସ୍ଥାନରେ ଅଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ । ଦେଶରେ ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୫୩ ପ୍ରତିଶତ ଲୋକ ମତ ଦେଇଛନ୍ତି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପାଇଁ ଯୋଗ୍ୟ । ରାହୁଲ ଗାନ୍ଧୀଙ୍କୁ ମିଳୁଛି ମାତ୍ର ୯ ପ୍ରତିଶତ । ଯଦି ବର୍ତ୍ତମାନ ଲୋକସଭା ନିର୍ବାଚନ ହୁଏ ତେବେ ଏନଡିଏ ୨୮୬ ସିଟ୍ ପାଇବ । ୟୁପିଏକୁ ମିଳିବ ୧୪୬ ଆସନ। ଅନ୍ୟାନ୍ୟ ଦଳ ପାଇବେ ୧୧୧ ଆସନ। ଏମିତି ତଥ୍ୟ ପ୍ରକାଶ କରିଛି ଏହି ସର୍ଭେ । ବିହାର ରାଜନୀତିରେ ପରିବର୍ତ୍ତନ ଯୋଗୁଁ ବଡ଼ କ୍ଷତି ସହିବ ବୋଲି କୁହାଯାଇଛି । ତେବେ ଏହି ଅନୁପାତରେ ବିଜେପି ବା ଏହାର ମେଣ୍ଟ ଦଳ ଘଉଇ ବର୍ତ୍ତମାନ ପ୍ରରିପେକ୍ଷୀରେ ୪୧ ପ୍ରତିଶତ ଭୋଟ ପାଇବାକୁ ସକ୍ଷମ । ସେହିପରି କଂଗ୍ରେସ ବା ଏହାର ମେଣ୍ଟ ଦଳକୁ ୨୮ ପ୍ରତିଶତ ଭୋଟ ମିଳିବାକୁ ଯାଉଥିବାବେଳେ ସ୍ୱାଧନ ଦଳ ଗୁଡ଼ିକୁ ୩୧ ପ୍ରତିଶତ ଭୋଟ ମିଳିବ ବୋଲି ସର୍ଭେରେ ପ୍ରକାଶ ପାଇଛି । ଇଣ୍ଡିଆ ଟୁଡ଼େ ସର୍ଭେରେ ପ୍ରକାଶ ପାଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସର୍ବାଧିକ ଲୋକପ୍ରିୟ ନେତା । ବର୍ତ୍ତମାନ ମଧ୍ୟ ୫୩ ପ୍ରତିଶତ ଲୋକ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକତୁ ଚାହୁଁଛନ୍ତି । ରାହୁଲ ଗାନ୍ଧୀଙ୍କୁ ୯ ପ୍ରତିଶତ ଚାହୁଁଥିବା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଚାହୁଁଛନ୍ତି ୭ ପ୍ରତିଶତ ଜନତା । ଅନ୍ୟପଟେ ଯଦି କଂଗ୍ରେସ ଦଳ ଭିତରେ ଲୋକ ପ୍ରିୟ ନେତାଙ୍କୁ ଦେଖାଯାଏ । ତେବେ ଦଳ ଭିତରେ ଲୋକ ପ୍ରିୟତାର ଶୀର୍ଷରେ ରହିଛନ୍ତି ରାହୁଲ ଗାନ୍ଧୀ । ଅର୍ଥାତ ୨୩ ପ୍ରତିଶତ ଦଳୀୟ ସମର୍ଥନ ରାହୁଲ ଗାନ୍ଧୀଙ୍କୁ ମିଳୁଛି । ଅନ୍ୟପଟେ ମନମୋହନ ସିଂଙ୍କୁ ୧୬ ପ୍ରତିଶତ, ସୋନିଆ ଗାନ୍ଧୀଙ୍କୁ ୧୪ ପ୍ରତିଶତ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ପ୍ରତି ଦଳୀୟ ସମର୍ଥନ ବା ଲୋକପ୍ରିୟତା ରହିଛି ୯ ପ୍ରତିଶତ ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୈଷ୍ଣବ ମହାନ୍ତିଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସ ଠାରେ ବୈଷ୍ଣବ ପ୍ରସାଦ ମହାନ୍ତିଙ୍କ ଲିଖିତ ଦୁଇଟି ପୁସ୍ତକ 'ଶେଷ ଚିଠି' ଓ 'ଭାଗବତ କଥାମୃତ' ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶ୍ରୀ ମହାନ୍ତିଙ୍କୁ ତାଙ୍କର ସାରସ୍ୱତ କୃତି ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ଆଗାମୀ ଦିନରେ ଏହା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶେଷ ଚିଠି ଏକ କ୍ଷୁଦ୍ର ଗଳ୍ପ ସଂକଳନ । ଏଥିରେ ଉପକୂଳ ଓଡିଶାର ଅର୍ଦ୍ଧ ଶତାବ୍ଦୀ ତଳର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଅବସ୍ଥାର ନିଛକ ଚିତ୍ର ପ୍ରତିଫଳିତ ହୋଇଛି। ୨୩ଟି ଗଳ୍ପର ସମାହାରରେ ପ୍ରକାଶିତ ଏହି ପୁସ୍ତକଟି ପାଠକକୁ ହଜି ଯାଇଥିବା ଏକ ସମୟର ପରିଧିକୁ ଫେରାଇ ନେବାରେ ସକ୍ଷମ ହୋଇପାରିଛି । ବିଶିଷ୍ଟ ସାହିତ୍ୟିକ ରାମଚନ୍ଦ୍ର ବେହେରା ଏହି ପୁସ୍ତକର 'ଭୂମିକା' ଲେଖିଛନ୍ତି । ଭାଗବତ କଥାମୃତ ଏକ ଆଧ୍ୟାତ୍ମିକଧର୍ମୀ ପୁସ୍ତକ । ଏଥିରେ ଭାଗବତର ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ୪୪ଟି ଆଧ୍ୟାତ୍ମିକ କଥାବସ୍ତୁ ସ୍ଥାନ ପାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକରେ ନିଜର ଅଭିମତ ରଖିଛନ୍ତି । ଏହି ଦୁଇଟିଯାକ ପୁସ୍ତକ ଭୁବନେଶ୍ୱରର ଅପୂର୍ବା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। ଲେଖକ ବୈଷ୍ଣବ ପ୍ରସାଦ ମହାନ୍ତି ସୂଚନା ଓ ଲୋକସଂପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ତଥା ମୁଖ୍ୟମନ୍ତ୍ରୀଙ୍କ ଲୋକସଂପର୍କ ଅଧିକାରୀ ଭାବରେ ଦୀର୍ଘ ଦିନ କାର୍ଯ୍ୟ କରିଥିଲେ । ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ତାଙ୍କର ବିଶେଷ ରୁଚି ରହିଛି । ପୂର୍ବରୁ ସେ ଶ୍ରୀମଦ୍ ଭାଗବତ ଗୀତାର ଓଡିଆ ପଦ୍ୟାନୁବାଦ ପ୍ରସ୍ତୁତ କରିଛନ୍ତି ।


## ବରିଷ୍ଠଙ୍କ ଦାୟିତ୍ୱ ନେବ 'ବିଶ୍ୱାସ'



ଭୁବନେଶ୍ୱର : ସହରର ବରିଷ୍ଠ ନାଗରିକ ହେଉଛନ୍ତି ଆମର ଗର୍ବ ଓ ଗାଇଡ୍। ସେମାନେ ସବୁବେଳେ ମାର୍ଗଦର୍ଶକ ଏବଂ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ବରିଷ୍ଠଙ୍କ ସୁରକ୍ଷା ଓ ନିରାପତ୍ତା ଆମର ପ୍ରମୁଖ ଦାୟିତ୍ୱ। ସେଥିପାଇଁ 'ବିଶ୍ୱାସ' କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ସ୍ଥାନୀୟ ପୋଲିସ ଭବନଠାରେ 'ବିଶ୍ୱାସ' କାର୍ଯ୍ୟକ୍ରମର ଶୁଭାରମ୍ଭ କରି କମିଶନର କହିଲେ, ବରିଷ୍ଠ ନାଗରିକମାନେ ପ୍ରାୟତଃ ନିଜକୁ ଅବହେଳିତ ଅନୁଭବ କରନ୍ତି। ସେମାନେ ବିଶେଷ ଯତ୍ନ ଓ ସାହାଯ୍ୟ ଆବଶ୍ୟକ କରନ୍ତି। ସେମାନଙ୍କ ମାନସିକ ଏବଂ ଶାରୀରିକ ସୁସ୍ଥତାର ଯତ୍ନ ନେବାକୁ କମିଶନରେଟ ପୋଲିସ୍ କ୍ରମାଗତ ଭାବରେ ଉଦ୍ୟମ ଜାରି ରଖୁଛି । ଆମେ ସେମାନଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛୁ। ମହାମାରୀ ସମୟରେ ଯେତେବେଳେ ସମଗ୍ର ଦେଶ ଲକ୍‌ଡାଉନ୍ ଦେଇ ଗତି କରୁଥିଲା ଓ ପ୍ରତିବନ୍ଧକ ରହିଥିଲା, ସେତେବେଳେ ପୋଲିସ ବରିଷ୍ଠ ନାଗରିକମାନଙ୍କୁ ଜରୁରୀ ସେବା ଯୋଗାଇଥିଲା। ଔଷଧ, ଖାଦ୍ୟ ଯୋଗାଣଠାରୁ ଆରମ୍ଭ କରି କୋଭିଡ୍ ଚିକିତ୍ସା ଓ କୋଭିଡ୍ ଟିକାକରଣ ଆଦି ସମସ୍ତ ପ୍ରକାର ସହାୟତା ପ୍ରଦାନ କରିଥିଲା । ଅଧିକାରୀମାନେ ନିୟମିତ ଭାବରେ ବରିଷ୍ଠ ନାଗରିକଙ୍କ ଘରକୁ ପରିଦର୍ଶନ କରିବା ସହ ସେମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ନାହିଁ ତାହା ଜାଣିବା ପାଇଁ 'ବିଶ୍ୱାସ' ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଯୋଜନା କରାଯାଉଛି। ଯାଞ୍ଚ ବୃଦ୍ଧି, ସ୍ୱାସ୍ଥ୍ୟ ଶିବିର, ଯୋଗ ଅଧିବେଶନ, ଡାଏଟ୍ କାଉନ୍‌ସେଲିଂ ଅଧିବେଶନ, ବରିଷ୍ଠ ନାଗରିକଙ୍କ ସହ ଜଡିତ ବିଭିନ୍ନ ବିଷୟ ଉପରେ ସଚେତନତା, ସାଇବର ସଚେତନତା ଏବଂ ବୟସ୍କଙ୍କ ଆବଶ୍ୟକତା ଉପରେ ମନିଟରିଂ ରଖିବା ପାଇଁ ଟେକ୍ନୋଲାଜି ଭିତ୍ତିକ ହସ୍ତକ୍ଷେପ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ।

## ସିଙ୍ଗଲ ୱିଣ୍ଡୋ କମିଟିର ମଞ୍ଜୁରୀ: ୧୧ ପ୍ରକଳ୍ପରେ ନିବେଶ ହେବ ୨,୨୫୩ କୋଟି

ଭୁବନେଶ୍ୱର: ରାଜ୍ୟରେ ୧୧ଟି ପ୍ରକଳ୍ପରେ ୨,୨୫୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହି ସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୩,୧୮୭ ଜଣଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରୁ ଡିଜିଟାଲ୍ ମାଧ୍ୟମରେ ଅନୁଷ୍ଠିତ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ନୀତିଗତ ମଞ୍ଜୁରି ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଆଲୁମିନିୟମ୍ ଓ ଇସ୍ପାତ ଆନୁଷଙ୍ଗିକ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ ପ୍ରକ୍ରିୟାକରଣ, ତୈଳ ଓ ଗ୍ୟାସ୍, ବୈଦ୍ୟୁତିକ ପଦାର୍ଥ ଉତ୍ପାଦନ ଓ ମାନୁଫାକ୍ଚରିଂ କ୍ଷେତ୍ରରେ କାର୍ଯକାରୀ ହେବ। ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା। ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଓ ଭିତ୍ତିଭୂମି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ଫିଡର୍ସ ଇଲେକ୍ଟ୍ରିକ୍ ଆଣ୍ଡ୍ ଇଞ୍ଜିନିୟରିଂ ପକ୍ଷରୁ ସୁନ୍ଦରଗଡ଼ରେ ୫୩୩.୨୫ କୋଟି ଟଙ୍କା ବିନିଯୋଗରେ ଏକ ଲୁହାପଥର ବେନିଫିକେସନ କାରଖାନା ସ୍ଥାପନ କରାଯିବ। ସେହିପରି, ଏନ୍‌ଭିରୋକେୟାର ଇନଫ୍ରାସଲ୍ୟୁସନ୍ ସୁନ୍ଦରଗଡ଼ରେ ୫୨୦ କୋଟି ଟଙ୍କା ନିବେଶ କରି ଡିଆରଆଇ ସହିତ ପେଲେଟ୍ ଓ ବେନିଫିକେସନ୍ ପ୍ଲାଣ୍ଟ୍ ଓ ଫେରୋ ଆଲଏଜ୍ ପ୍ଲାଣ୍ଟ୍ ସ୍ଥାପନ କରିବ। ଆର୍ଯ୍ୟ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କଂପାନି କେନ୍ଦୁଝରରେ ୧୭୫.୭୫ କୋଟି ଟଙ୍କା ବିନିଯୋଗରେ ବିଲେଟ୍/ କଲର କୋଟେଡ୍ ଟିଏମ୍‌ଟି ଓ ଫିଲ୍‌ଟର କେକ୍ ହାଣ୍ଡଲିଂ ସିଷ୍ଟମ୍ ସ୍ଥାପନ କରିବ। ସିଏମ୍‌ଆର ଇକୋ ଆଲୁମିନିୟମ୍ ସମ୍ବଲପୁରରେ ୧୦୧ କୋଟି ଟଙ୍କା ନିବେଶରେ ଲିକ୍ୟୁଇଡ୍ ଆଲୁମିନିୟମ୍ ଆଲଏଜ୍ କାରଖାନା ସ୍ଥାପନ କରିବ। ଆଦାନି ଏଣ୍ଟପ୍ରାଇଜେସ୍ ଖୋର୍ଦ୍ଧାରେ ୫୦୦ କୋଟି ଟଙ୍କା ଖଟାଇ ଏକ ଡାଟା ସେଣ୍ଟର ସ୍ଥାପନ କରିବାକୁ ଥିବା ବେଳେ ପୁଷ୍ପମ୍ ଟେକ୍ନୋଲୋଜି ପକ୍ଷରୁ ଖୋର୍ଦ୍ଧାରେ ସଫ୍ଟୱୟାର ବିକାଶ ଓ ବାଣିଜ୍ୟ ପାଇଁ ଡିଜିଟାଲ୍ ପ୍ଲାଟଫର୍ମରେ ୫୦ କୋଟି ଟଙ୍କା ନିବେଶ କରାଯିବ। ଗଞ୍ଜାମରେ ରାଜ ରାଜେଶ୍ୱର ଲଳିଆ ତ୍ରିପୁର ସୁନ୍ଦରୀ ପକ୍ଷରୁ ୧୫୦ କୋଟି ଟଙ୍କା ନିବେଶରେ ଉଚ୍ଚ ମାନର ଟିଟାନିୟମ୍ ସ୍ଲାଗ୍ ଓ ବାଇ ପ୍ରଡକ୍ଟ, ପିଗ୍ ଆଇରନ୍ ଉତ୍ପାଦନ କରାଯିବ। ଅମ୍ରିତ ଧାରା ନ୍ୟୁଟ୍ରି ଫୁଡ ପକ୍ଷରୁ କଟକରେ ୫୯.୪୮ କୋଟି ଟଙ୍କା ନିବେଶରେ ଏକ ଡେରି ଉତ୍ପାଦ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯିବ। ଜାତକ ଜୀଭନ ପେଟ୍ରୋକେମିକାଲ୍‌ସ ପକ୍ଷରୁ ଢେଙ୍କାନାଳରେ ୬୧.୩୦ କୋଟି ଟଙ୍କା ନିବେଶରେ ଏକ ଶସ୍ୟ ଭିତ୍ତିକ ଇଥାନଲ୍ ପ୍ଲାଣ୍ଟ୍ ସ୍ଥାପନ କରାଯିବ। ସ୍ମାର୍ଟ ଡିଜାଇନ୍ ପ୍ରୋଜେକ୍ଟସ୍ ପକ୍ଷରୁ ଖୋର୍ଦ୍ଧାରେ ୫୨.୩୭ କୋଟି ଟଙ୍କା ବିନିଯୋଗରେ ଓ୍ୱାରହାଉସିଂ ଓ ଲଜିଷ୍ଟିକ୍ ପ୍ରକଳ୍ପ ସ୍ଥାପନ କରାଯିବ।



ଭାରତ ଗ୍ୟାସ୍ ରିସୋର୍ସେସ୍ ପକ୍ଷରୁ ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପ୍ରାକୃତିକ ଗ୍ୟାସ ରେଗୁଲେଟିଂ ସିଷ୍ଟମ୍ ଓ ଡି କମ୍ପ୍ରେସିଂ ୟୁନିଟ୍ ପାଇଁ ୫୦ କୋଟି ଟଙ୍କା ନିବେଶ କରାଯିବ। ଏହି ପ୍ରକଳ୍ପଗୁଡ଼ିକୁ ନୀତିଗତ ଅନୁମୋଦନ ଦେଇ ଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ପ୍ରଶାସନିକ ସହଯୋଗ ଦେବା ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଶିଳ୍ପ ଦରକାର କରୁଥିବା ଜମି ଓ ଜଳର ସଠିକ୍ ଅନୁଶୀଳନ କରି ସେହି ଅନୁସାରେ ବ୍ୟବସ୍ଥା କରିବାକୁ କହିଛନ୍ତି। ଶିଳ୍ପ ସଂସ୍ଥାଗୁଡ଼ିକ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଯେଉଁଭଳି ବ୍ୟବସ୍ଥା ଗ୍ରହଣ କରିବେ ତାହା ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅନୁମୋଦନ କରାଯାଇଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ଭିତରେ ନିର୍ମାଣ ଓ ଉତ୍ପାଦନ ଆରମ୍ଭ କରିବା ଉପରେ ଦୃଷ୍ଟି ଦେବାକୁ ସେ ଇପିକଲ୍‌କୁ କହିଛନ୍ତି। ସବୁ ପ୍ରକଳ୍ପରେ ସ୍କିଲ୍‌ଡ ଇନ୍ ଓଡ଼ିଶାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ଉପରେ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି।

## ନବ ନିଯୁକ୍ତ ଓକିଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନ

ଭୁବନେଶ୍ୱର : ନବ ନିଯୁକ୍ତ ୪୧ ଜଣ ସରକାରୀ ଓକିଲଙ୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନବ ନିଯୁକ୍ତ ଓକିଲଙ୍କୁ ଦିଗଦର୍ଶନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ କହିଛନ୍ତି, 'ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସରକାରଙ୍କ ପଦକ୍ଷେପ ନେଇଛନ୍ତି । ଗରିବରୁ ଅତି ଗରିବଙ୍କ ନ୍ୟାୟ ପଦ୍ଧତି ଉପରେ ବିଶ୍ୱାସ ବଢୁଛି । ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ ଉପରେ କାମ କର । ଆଇନ ଆଖିରେ ସମସ୍ତେ ସମାନ ଏହା ଗରିବରୁ ଅତି ଗରିବ ହୃଦୟଙ୍ଗମ କରନ୍ତୁ ।' ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଭର୍ଚୁଆଲରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଆଗକୁ ସେ ଆହୁରି କହିଛନ୍ତି, 'ନବ ନିଯୁକ୍ତ ଓକିଲ ରାଜ୍ୟର ବିଭିନ୍ନ ନ୍ୟାୟାଳୟରେ କାମ କରିବାର ଅନୁଭବ ରଖନ୍ତି । ଏହା ନ୍ୟାୟିକ ବିତରଣ ପାଇଁ ଭଲ ଖବର । ଏମାନେ ଆଗକୁ ବଢ଼ି ଗରିବରୁ ଅତି ଗରିବ ଲୋକଙ୍କୁ ସେବା ଯୋଗାଇବାକୁ ପ୍ରୟାସ କରିବେ । ରାଜ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆହୁରି ଅଧିକ ତ୍ୱରିତ ହେବାର ଆବଶ୍ୟକତା ରହିଛି। ୫-ଟିରେ ଟେକ୍ନୋଲୋଜି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଓ ଏହାକୁ ତ୍ୱରିତ ନ୍ୟାୟ ପ୍ରଦାନରେ ଉପଯୋଗ କରାଯାଉଛି ।' ଏହି ଅବସରରେ ଗୃହ ରାଜ୍ୟ ମନ୍ତ୍ରୀ ତୁଷାରକାନ୍ତି ବେହେରା ନବ ନିଯୁକ୍ତ ଓକିଲଙ୍କୁ ସଚ୍ଚୋଟତ ଓ ପାରଦର୍ଶୀ ଭାବେ କାମ କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ତ୍ୱରିତ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଗରିବ ଓ ବଞ୍ଚିତ ବର୍ଗର ପୀଡ଼ିତଙ୍କ ବିଶ୍ୱାସ ଜିତି ସଚ୍ଚୋଟତାର ସହ କାମ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ପରାମର୍ଶ ଦେଇଥିଲେ । ୫-ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।






ଓଡ଼ିଶା ସଙ୍କେତ
Odisha Sanket

# ସଂପାଦକୀୟ

1- 15 August, 2022


## ସମ୍ପାଦକୀୟ...

ରାଜନୈତିକ ସ୍ଥିରତା ବା ଅସ୍ଥିରତା ଏକ ଆପେକ୍ଷିକ ବିଷୟବସ୍ତୁ, ଯାହା ସମୟ, ପରିବେଶ ଓ ପରିସ୍ଥିତିକୁ ନେଇ ଆକଳନ କରାଯାଏ। କିଛିଦିନ ତଳେ ଏକ ପ୍ରତିଷ୍ଠିତ ଓଡ଼ିଆ ଟିଭି ଚ୍ୟାନେଲର ଉପସ୍ଥାପନା ମନଭିତରେ ଅନେକ ପ୍ରଶ୍ନ ତିଆରି କରେ। ସତରେ ଉପସ୍ଥାପକ ବା ମାଲିକ କ'ଣ ଦେଖାଇବାକୁ ଚେଷ୍ଟା କରୁଛନ୍ତି, ତାହା ନିଜର ଅଜ୍ଞତା ନା ମୁଲଚାଲର ଏକ ସୁଚିନ୍ତିତ ବାଟ ?

ବିଷୟଟି ଏପରି ଥିଲା ଯେ, ଯେଉଁ ରାଜନୈତିକ ଦଳମାନେ ରାଷ୍ଟ୍ରୀୟ ବିଜେପିର ହାତ ଛାଡ଼ିଛନ୍ତି ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କର ସ୍ଥିତି ସଂପୂର୍ଣ୍ଣ ଦୟନୀୟ ହୋଇଯାଇଛି। ସେଠାରେ ଆନ୍ଧ୍ର, ତାମିଲନାଡ୍ଡୁ, ମହାରାଷ୍ଟ୍ର, ଗୋଆ, ପଞ୍ଜାବ ଇତ୍ୟାଦି ରାଜ୍ୟର ସୁନ୍ଦର ଉଦାହରଣକୁ ଗାଣିତିକ ତଥ୍ୟ ଦେଇ ଉପସ୍ଥାପନା କରାଯାଇଛି। କିନ୍ତୁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଭଳି ରାଜ୍ୟର ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହା ସଂପୂର୍ଣ୍ଣ ଭିନ୍ନ। ତେଣୁ ଖବର ପରିଚାଳନାରେ ଆମେ କ'ଣ କରୁଛନ୍ତି ଯେଉଁ ଲୋକମାନେ ଆମ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି, ଆମେ ତାଙ୍କର ବିଶ୍ୱାସ ଭାଜନ ହେଉଛେ ନା ତାଙ୍କ ମନରେ ଭୁଲ କଥା ପୂରାଇ ବିଭ୍ରାନ୍ତି ସୃଷ୍ଟି କରୁଛେ ଏବଂ ଏଥିପାଇଁ ଆମର ଅଭିସନ୍ଧି କ'ଣ ? ସଦ୍ୟ ବିହାରର ରାଜନୈତିକ ସ୍ଥିତିକୁ ବିଚାର କରାଯାଇପାରେ। ଏବେ ସେ ନୀତିହୀନ ବୋଲି ଅନେକ ବକ୍ତବ୍ୟ ବା ମତପୋଷଣ କରୁଛନ୍ତି କିନ୍ତୁ ତିନିବର୍ଷ ତଳେ ସେମାନେ ଏହାକୁ ସ୍ୱାଗତ କରୁଥିଲେ। ଏବେ କେନ୍ଦ୍ରର ଅତ୍ୟଧିକ ଲାଭଖୋର ମନୋବୃତି ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନା ଦଳୀୟ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ତାହା ସାଧାରଣ ଲୋକେ ଆଗାମୀ ଦିନରେ ବିଚାର କରିବେ। 'ଭୁଲ' ଏବଂ 'ଠିକ୍' ଗୋଟିଏ ଗୋଟିଏ ଆପେକ୍ଷିକ ଶବ୍ଦ ଯାହା ବ୍ୟକ୍ତିବିଶେଷ ବା ପରିସ୍ଥିତି ନେଇ ଉପସ୍ଥାପନା ହୋଇଥାଏ। ବର୍ତ୍ତମାନର ସ୍ଥିତିରେ କେନ୍ଦ୍ରର ମନୋମୁଖୀ କ୍ଷମତାର ବ୍ୟବହାର ଏବଂ ପ୍ରାଚୁର୍ଯ୍ୟତାକୁ ଭ୍ରୁକ୍ଷେପ ନକରି ବିହାରର ରାଜନୈତିକ ସମୀକରଣ ଆଗାମୀ ଦିନରେ ଦେଶ ପାଇଁ ଏକ ନୂଆ ସମ୍ଭାବନା ସୃଷ୍ଟି କରିବାର ଆଲୋକ ପ୍ରଦାନ କରିବ। ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରୁ ଅନେକ ଉଦାହରଣ ବିହାର ରାଜନୀତି ଦେଶରେ ନୂଆ ରାସ୍ତା ତିଆରି କରିଛି। ଆମ ଆଖି ଆଗରେ ମଣ୍ଡଳ କମିଶନ ଲାଗୁ କରିବାରେ ଯେଉଁମାନେ କର୍ଣ୍ଣଧାର ଥିଲେ ସେମାନଙ୍କ ମଧ୍ୟରୁ ସିଂହଭାଗ ବିହାର ରାଜ୍ୟର ବା ସେହି ରାଜ୍ୟର ରାଜନୈତିକ ଘଟଣାବଳୀର ଅଂଶୀଦାର। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଆଦର୍ଶରେ ଅନୁପ୍ରାଣୀତ। ଲଢ଼େଇ କରି ସମସାମୟିକ ବିଧିବ୍ୟବସ୍ଥା ବିରୋଧରେ ଆନ୍ଦୋଳନ କରି ବ୍ୟବହାର ପରିବର୍ତ୍ତନର ସେମାନେ ଜଣେ ଜଣେ ଲଢୁଆ ଯୋଦ୍ଧା ଥିଲେ। ତେବେ ସେତେବେଳର ସ୍ଥିତି ଅଲଗା ଥିଲା। ଏବେ କିନ୍ତୁ ଅନେକ ପରିବର୍ତ୍ତନ ହୋଇଛି। ରାଜନୈତିକ ହିଂସା, ବ୍ୟକ୍ତିଗତ ଆକ୍ରୋଶ, ଅସହିଷ୍ଣୁତା ଏବଂ ସର୍ବୋପରି ଧନ ଓ କ୍ଷମତା ଲୋଭ ରାଜନୈତିକ ଦଳମାନଙ୍କୁ ଯେଭଳି ଗ୍ରାସ କରିଛି ଏହାର କୌଣସି ସୁପରିଣାମ ଦେଖାଯାଉନାହିଁ। ଏବେ କିଏ ଭଲ ତାହା ବିଚାର କରିବା ବହୁତ କଷ୍ଟକର ବ୍ୟାପାର କିମ୍ବା ଆମେ ନିଜେ ଠିକ୍ ନୁହଁ ବୋଲି ଧରିନେବାକୁ ହେବ।

ସବୁ ସମସ୍ୟାର ସମାଧାନ ସମୟ ସହ ହେବ, ସତ ଚେଷ୍ଟାର ଆବଶ୍ୟକତା କେବଳ। ରାଜନୀତିରେ କେହି ଦୀର୍ଘସ୍ଥାୟୀ ବନ୍ଧୁ ବା ଶତ୍ରୁ ନଥାନ୍ତି ବା ସବୁକିଛି ଦୀର୍ଘସ୍ଥାୟୀ ନୁହେଁ। ଅପେକ୍ଷା ରହିବ ପୁଣି ବର୍ତ୍ତମାନ ସ୍ଥିତି ଆଗକୁ କିଭଳି ପରିବର୍ତ୍ତନ ହେବ ଏବଂ ଏହାର ଗତି କ'ଣ ହେବ ?

## ଗଣେଶ୍ୱର ମିଶ୍ରଙ୍କ ୨ଟି ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର : 'ସତୀର୍ଥ' ପକ୍ଷରୁ ଗୀତଗୋବିନ୍ଦ ସଦନରେ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ଗଣେଶ୍ୱର ମିଶ୍ରଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ସ୍ମୃତିସଭା ଅବସରରେ ସ୍ୱର୍ଗତ ମିଶ୍ରଙ୍କ ଦୁଇଟି ପୁସ୍ତକ 'ଗଣେଶ୍ୱର ମିଶ୍ରଙ୍କ ସୃଜନ ସମଗ୍ର ଭାଗ-୬' ଓ 'ଘର ବାହୁଡ଼ା ଓ ଅନ୍ୟାନ୍ୟ ଗଳ୍ପ ସମାହାର' ଉନ୍ମୋଚିତ ହୋଇଛି। କବୟିତ୍ରୀ ପ୍ରତିଭା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅତିଥି ଭାବେ ବିଶିଷ୍ଟ ଅନୁବାଦକ ଅରୁଣ କୁମାର ମହାନ୍ତି ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ସେ କହିଥିଲେ ଯେ ଗଣେଶ୍ୱର ମିଶ୍ର ଥିଲେ ଅନୁଭୂତିର ଶୀର୍ଷରେ। ସେହି ଦରଦୀ ମଣିଷଙ୍କଠାରୁ ମଣିଷକୁ ଭଲ ପାଇବା ଶିଖି ହୁଏ। ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ 'ସାହିତ୍ୟର କାୟା ସିନେମାର ମାୟା' ଶୀର୍ଷକ ଉପରେ କହିଥିଲେ। ସାହିତ୍ୟ ଓ ସିନେମାର ସଂଯୋଗୀକରଣ ପ୍ରକ୍ରିୟା ଉପରେ ଆଲୋଚନା କରି ସେ କହିଥିଲେ ଯେ ସାହିତ୍ୟ ଓ ସିନେମାର ପରିଭାଷା ସଂପୂର୍ଣ୍ଣ ଅଲଗା ଅଲଗା। ସାହିତ୍ୟକୁ ନେଇ ଖୁବ୍ କମ ସିନେମା ହୋଇଛି ଓ ଅଧିକାଂଶ ସିନେମା ବ୍ୟବସାୟରେ ବିଫଳ ହୋଇଛି। କାର୍ଯ୍ୟକ୍ରମରେ ଅନୁବାଦକ ଯତୀନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କଥାକାର ବିରାଜ ମୋହନ ଦାସ ଧନ୍ୟବାଦ ଦେଇଥିଲେ ।



# ଇଡିର ଅମାପ କ୍ଷମତାରେ ଭୟଭୀତ ବିରୋଧୀ

ରବି ଦାସ

ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ଯାହାକୁ 'ଅମୃତ ମହୋତ୍ସବ' ଆଖ୍ୟା ଦିଆଯାଇ ଆସନ୍ତା ସପ୍ତାହରେ ସବୁସ୍ଥାନରେ ଓ ପ୍ରତିଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ସ୍ୱାଧୀନତା ସଂଗ୍ରାମ ପରେ ମିଳିଥିବା ସ୍ୱାଧୀନତାକୁ ବାସ୍ତବରେ ମନେପକାଇପାରିବ କି ? ଭାରତର ଜାତି, ଧର୍ମ, ଭାଷା, ନିର୍ବିଶେଷରେ ସବୁ ବିଚାରକୁ ନେଇ ଭାରତୀୟ ରାଷ୍ଟ୍ର ସ୍ୱାଧୀନତା ହାସଲ କରିଥିଲା। ଗାନ୍ଧିଜୀ ସ୍ପଷ୍ଟଭାବେ କହିଥିଲେ ଯେ, ଇଂରେଜମାନେ କଂଗ୍ରେସ ହାତକୁ କ୍ଷମତା ସମର୍ପଣ କରୁଥିଲେ ମଧ୍ୟ ବାସ୍ତବରେ ଦେଶର ସ୍ୱାଧୀନତା ସବୁ ଜନସାଧାରଣଙ୍କର ସ୍ୱାଧୀନତା। ତେଣୁ କଂଗ୍ରେସ କ୍ଷମତା ହସ୍ତାନ୍ତର ପରେ ଯେଉଁ ସରକାର ଗଠନ କରିଥିଲା ସେଥିରେ କଂଗ୍ରେସ ଆଦର୍ଶ ସହିତ ନଥିବା ବିରୋଧୀମାନଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲଭ ଭାଇ ପଟେଲ୍‌ଙ୍କ ସହିତ ଏହି ମନ୍ତ୍ରିମଣ୍ଡଳରେ ୬ଜଣ ଅଣ କଂଗ୍ରେସ ନେତା ଥିଲେ ଓ ସେମାନଙ୍କ ଭିତରେ ହିନ୍ଦୁତ୍ୱର ଜଣେ ମୁଖ୍ୟ ପ୍ରବର୍ତ୍ତକ ଶ୍ୟାମପ୍ରସାଦ ମୁଖାର୍ଜୀ ଓ ବିଜ୍ଞ ଦଳିତ ନେତା ଡ. ଭୀମରାଓ ଆମ୍ବେଦକର ସ୍ଥାନ ପାଇଥିଲେ। ଡ. ଆମ୍ବେଦକର ଆଇନମନ୍ତ୍ରୀ ଭାବରେ ଭାରତୀୟ ସମ୍ବିଧାନର ପ୍ରକୃତ ରଚୟିତା ହୋଇଥିଲେ। ସମ୍ବିଧାନ ପ୍ରଣୟନ ପରେ ୧୯୫୨ରେ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ହେଲା ପରେ ସରକାରୀ ଓ ବିରୋଧୀ ପକ୍ଷ ଭାବରେ ବିଭିନ୍ନ ପ୍ରସଙ୍ଗକୁ ବିଚାର କରାଗଲା। କିନ୍ତୁ ଦେଶରେ ବର୍ତମାନ ଏପରି ଏକ ସମୟ ଆସିଛି ଯେଉଁଠାରେ ସରକାରୀ ଓ ବିରୋଧୀ ପକ୍ଷ ପରସ୍ପରର ଶତ୍ରୁ ବୋଲି ବିବେଚିତ ହେଉଛନ୍ତି। ଯଦି ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ସମୟକୁ ଦେଖାଯାଏ ତେବେ ପାର୍ଲାମେଂଟରେ ଯେଉଁ ଧରଣର ଆଲୋଚନା ଓ ବିତର୍କ ସବୁ ହୋଇଥିଲା ତାହାକୁ ଅନୁଧ୍ୟାନ କରାଯାଏ ସେଥିରେ ସରକାରୀ ଓ ବିରୋଧୀ ପକ୍ଷ ଭିତରେ ଥିବା ପରସ୍ପର ପ୍ରତି ସମ୍ମାନ, ଶ୍ରଦ୍ଧା ଓ ପାର୍ଲାମେଂଟ ଆଲୋଚନାକୁ ଉଚ୍ଚକୋଟୀର କରିବା ପାଇଁ ଆକର୍ଷଣୀୟ ପ୍ରସ୍ତାବ ରହିଥିଲା। ସେହି ସମୟରେ ପାର୍ଲାମେଂଟରେ ମିଳିତ ସାମ୍ମୁଖ୍ୟର ସରକାର ରହିଥିଲେ ମଧ୍ୟ ଅଟଳ ବିହାରୀ ବାଜପେୟୀ ବିରୋଧୀ ଦଳର ନେତା ରହିଥିଲେ। ଚନ୍ଦ୍ରଶେଖର, ଇନ୍ଦ୍ରଜିତ ଗୁପ୍ତା, ସୋମନାଥ ଚାଟାର୍ଜୀ ପ୍ରମୁଖ ନେତାମାନେ ଥିଲେ, ଯେଉଁମାନଙ୍କର ଦେଶ ପ୍ରତି ନିଷ୍ଠା ଓ ଆନ୍ତରିକତା ସହିତ ଲୋକମାନଙ୍କ ପ୍ରତି ଅଙ୍ଗୀକାରବଦ୍ଧତା, ଗଣତନ୍ତ୍ର ଓ ସାମାଜିକ ନ୍ୟାୟ ପ୍ରତି ଆଭିମୁଖ୍ୟ ସ୍ପଷ୍ଟ ରହିଥିଲା। ପାର୍ଲାମେଂଟରେ ସେହି ଆଲୋଚନାକୁ ଯେଉଁମାନେ ଦେଖିଛନ୍ତି ସେମାନେ କେବେବି ଅନୁଭବ କରିବେନି ଭାରତୀୟ ଗଣତନ୍ତ୍ରରେ ଦଳମାନଙ୍କ ଭିତରେ ବିବିଧତା ସତ୍ୱେ ଦେଶର ଗଣତନ୍ତ୍ର ବିପଦର ସମ୍ମୁଖୀନ ହେଉଛି ବୋଲି। ଭାରତୀୟ ଗଣତନ୍ତ୍ରରେ ସ୍ୱାଧୀନତା ସଂଗ୍ରାମର ଇତିହାସ ଯୋଗୁ କଂଗ୍ରେସ ଦଳ ବହୁବର୍ଷ କ୍ଷମତା ଉପଭୋଗ କରିବା ସତ୍ୱେ ଭାରତୀୟ ଗଣତନ୍ତ୍ର ପ୍ରତି କେତେବେଳେ ଇନ୍ଦିରାଗାନ୍ଧୀ ଜରୁରୀ ପରିସ୍ଥିତି ଜରିଆରେ ବିପଦ ସୃଷ୍ଟିକଲେ ତାହା ବିରୋଧରେ ଭାରତର ସବୁ ବିରୋଧୀ ପକ୍ଷ ଏକଜୁଟ୍ ଭାବରେ ଛିଡ଼ା ହୋଇ ଗଣତନ୍ତ୍ରକୁ ବଂଚେଇଦେଲେ। ଇନ୍ଦିରାଗାନ୍ଧୀ ନିଜର ଭୁଲକୁ ସ୍ୱୀକାର କରି ୧୯୭୫ରେ ଯେଉଁ ସାଧାରଣ ନିର୍ବାଚନର ଆହ୍ୱାନ ଦେଲେ ସେତେବେଳେ ଭାରତୀୟ ଜନସାଧାରଣ ତାଙ୍କୁ କ୍ଷମତାଚ୍ୟୁତ କଲେ। ପରବର୍ତୀ ସରକାର ଦେଶର ସ୍ୱାର୍ଥକୁ କମ୍ ଗୁରୁତ୍ୱ ଦେଇ ନିଜ ନିଜ ଭିତରେ ବିବାଦ କରିବା ଫଳରେ ଦେଶର ଜନସାଧାରଣ ପୁଣିଥରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ କ୍ଷମତାକୁ ଫେରାଇ ଆଣିଲେ। ୧୯୭୧ରେ ବଙ୍ଗଳାଦେଶ ଯୁଦ୍ଧରେ ଇନ୍ଦିରାଗାନ୍ଧୀଙ୍କ ଭୂମିକା ଓ ପଞ୍ଜାବରେ ଖାଲିସ୍ଥାନୀ ଉଗ୍ରପନ୍ଥୀମାନେ ସକ୍ରିୟ ହୋଇଥିବା ସମୟରେ ନିଜ ଜୀବନକୁ ବିପନ୍ନ କରି ସ୍ୱର୍ଣ୍ଣ ମନ୍ଦିରରେ ସେନା ପ୍ରବେଶ ପାଇଁ ଇନ୍ଦିରାଗାନ୍ଧୀ ଯେଉଁ ନିଷ୍ପତି ନେଲେ ସେଥିପାଇଁ ତାଙ୍କର ନିଜ ନିରାପତ୍ତାରକ୍ଷୀ ଶିଖ ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇବା ଫଳରେ ରାଜୀବ ଗାନ୍ଧୀଙ୍କୁ ଦେଶବାସୀ ବିପୁଳ ସମର୍ଥନ ଦେଇଥିଲେ। କିନ୍ତୁ ଭାରତରେ ବିରୋଧୀ ପକ୍ଷ ପୁଣି ସକ୍ରିୟ ହୋଇ ନିଜ ନିଜ ଭିତରେ ସହଯୋଗ ସ୍ଥାପନ କରି କଂଗ୍ରେସର ଏହି ବିପୁଳ ସମର୍ଥନକୁ ପରାସ୍ତ କରିବା ସମୟରେ ରାମ ଜନ୍ମଭୂମି ଆନ୍ଦୋଳନ ଯୋଗୁ ହିନ୍ଦୁତ୍ୱ ଏକ ନୂଆ ଲହର ଦେଶରେ ସୃଷ୍ଟି ହୋଇଥିଲା। ସେହି କ୍ରମରେ ୨୪ବର୍ଷ କାଳ କେନ୍ଦ୍ର ସରକାରରେ ମିଳିତ ମନ୍ତ୍ରିମଣ୍ଡଳର ଯୁଗ ଆରମ୍ଭ ହେଲା। ତାହା ଭିତରେ ନରସିଂହ ରାଓଙ୍କ କଂଗ୍ରେସ ସରକାର ଦେଶର ଅର୍ଥନୀତିରେ ଏକ ବଡ଼ଧରଣର ସଂସ୍କାର ଆଣିଲେ, ଯାହାକୁ ପରବର୍ତୀ ସରକାର ମାନେ ମଧ୍ୟ ଅନୁସରଣ କଲେ। ସେହି କ୍ରମରେ ରାଜ୍ୟମାନଙ୍କରେ ମଧ୍ୟ ବିଭିନ୍ନ ଦଳର ସରକାର କ୍ଷମତାକୁ ଆସିବା ଓ କ୍ଷମତାଚ୍ୟୁତ ହେବା ପ୍ରକ୍ରିୟା ଚାଲିଥିଲା। ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଂଟ ସରକାର (ଏନଡିଏ) ୬ବର୍ଷ କାଳ ଶାସନ କରିବା ପରେ କଂଗ୍ରେସ ନେତୃତ୍ୱରେ ମିଳିତ ପ୍ରଗତିଶୀଳ ମେଂଟ (ୟୁପିଏ) ୧୦ବର୍ଷ ଶାସନ କରିଥିଲା। ଅନେକ ଧରିନେଇଥିଲେ ଯେ, ଭାରତରେ ଗଣତାନ୍ତ୍ରିକ ଧାରା ଏକ ସ୍ୱାଭାବିକ ପ୍ରକ୍ରିୟାକୁ ଆସିଛି ଏବଂ କୌଣସିଠାରେ ଗୋଟିଏ ଦଳର ବା ଗୋଟିଏ ମତର ପ୍ରାଧାନ୍ୟକୁ ଦେଶବାସୀ ଗ୍ରହଣ ନକରି ସ୍ୱାଧୀନତା ସମୟରେ ସବୁପକ୍ଷକୁ ଏକଜୁଟ୍ କରି ଦେଶ ଚଳାଇବାର ଯେଉଁ ମାର୍ଗ ଦେଖାଇଥିଲେ ସେହି ଅବସ୍ଥାକୁ ଦେଶ ଫେରିଆସିଛି। ବାଜପେୟୀଙ୍କ ନେତୃତ୍ୱରେ ଏନଡିଏ ସରକାର ଦେଶର ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ସବୁ ମେଟ୍ରୋ ସହରଗୁଡ଼ିକୁ ଜାତୀୟ ରାଜପଥ ଜରିଆରେ ଯୋଡ଼ିବା ସହିତ ଗ୍ରାମାଂଚଳରେ ରାସ୍ତାଘାଟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିଥିଲେ। ସେହିପରି ୟୁପିଏ ସରକାର ସମୟରେ ଗଣତନ୍ତ୍ରକୁ ଗତିଶୀଳ କରିବା ପାଇଁ ସୂଚନା ଅଧିକାର ଆଇନ, ମହାତ୍ମାଗାନ୍ଧୀ ନିଯୁକ୍ତି ଗ୍ୟାରେଂଟି ଆଇନ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପ୍ରମୁଖ ବହୁ ଯୁଗାନ୍ତକାରୀ ଆଇନ କରିଥିଲେ। କିନ୍ତୁ ଦୁର୍ନୀତି ଏପରି ଏକ ପ୍ରସଙ୍ଗ ଯାହା ଭାରତୀୟ ରାଜନୀତିକୁ ବରାବର ବିଭିନ୍ନ ଭାବରେ ପଦାକୁ ଆସୁଥିଲା। ଜୟପ୍ରକାଶ ନାରାୟଣଙ୍କ ଠାରୁ ଆରମ୍ଭ କରି ଭି.ପି. ସିଂହଙ୍କ ପର୍ଯ୍ୟନ୍ତ ସମସ୍ତେ ସେହି ଆନ୍ଦୋଳନ ଜରିଆରେ ଲୋକମାନଙ୍କୁ ସଂଗଠିତ କରିଥିଲେ। କିନ୍ତୁ ୨୦୧୦-୧୧ ବେଳକୁ ଦେଶରେ ଦୁର୍ନୀତି ବିରୋଧରେ ଆନୁଷ୍ଠାନିକ ପଦକ୍ଷେପ ନିମନ୍ତେ ଜନଲୋକପାଳ ଆଇନ ପ୍ରଣୟନ ପାଇଁ ଆନ୍ନା ହଜାରେଙ୍କ ନେତୃତ୍ୱରେ ଏକ ଆନ୍ଦୋଳନ ହେଲା। ଏହାର ମୁକାବିଲା କରିବାକୁ ଯାଇ ୟୁପିଏ ସରକାର ଲୋକପାଳ ଆଇନ ପ୍ରଣୟନ କଲେ ଓ ପରେପରେ ଜାତୀୟ ଖାଦ୍ୟ ସୁରକ୍ଷା ନିମନ୍ତେ ଏକ ବଡ଼ ବିଧେୟକ ଗୃହୀତ କରାଇଲେ, ଯାହାର ଫାଇଦା ଗରିବ କଲ୍ୟାଣ ଯୋଜନା ନାମରେ ଏବେ ପ୍ରଧାନମନ୍ତ୍ରୀ ମୋଦୀ ନେଉଛନ୍ତି। କିନ୍ତୁ ଆନ୍ନା ହଜାରେଙ୍କ ଆନ୍ଦୋଳନରୁ ଯେଉଁ ଜନମତ ସୃଷ୍ଟି ହେଲା ଓ ୟୁପିଏ ସରକାର ବିରୋଧରେ ମତ ଏତେ ପ୍ରବଳ ହେଲା ଯେ, ୨୪ବର୍ଷ ପରେ ଭାରତର ଜନସାଧାରଣ ମୋଦୀଙ୍କ ନେତୃତ୍ୱରେ ବିଜେପିକୁ ୨୦୧୪ରେ ପୂର୍ଣ୍ଣ ସଂଖ୍ୟ ଗରିଷ୍ଠତା ଦେଇ କ୍ଷମତାରେ ବସାଇଲେ।

ବଙ୍ଗଳାଦେଶ ମୁକ୍ତି ସଂଗ୍ରାମରେ ଭାରତୀୟ ସୈନ୍ୟମାନଙ୍କର ଭୂମିକା ଯୋଗୁ ଇନ୍ଦିରାଗାନ୍ଧୀଙ୍କ ଭିତରେ ଯେପରି ଏକଛତ୍ରବାଦୀ ଆଭିମୁଖ୍ୟ ପ୍ରତିଷ୍ଠା ହୋଇଥିବାରୁ ଭିନ୍ନ ମତକୁ ସେ ସହ୍ୟ ନକରିପାରିବା ଫଳରେ ଜୟପ୍ରକାଶ ନାରାୟଣଙ୍କ ଉପଦେଶ ଓ ସମାଲୋଚନାକୁ ସେ ଦେଶ ବିରୋଧୀ ଆଖ୍ୟା ଦେଇଥିଲେ। ଯାହାଫଳରେ ଜରୁରୀ ପରିସ୍ଥିତି ପର୍ଯ୍ୟନ୍ତ ପରିସ୍ଥିତି ଗଲା। ଠିକ୍ ସେହିପରି ମାନସିକତା ବର୍ତମାନର କେନ୍ଦ୍ର ସରକାରଙ୍କ ନେତୃତ୍ୱ ନିକଟରେ ୨୦୧୭ରେ ଏହା ଉତରପ୍ରଦେଶ ନିର୍ବାଚନ ପରେ ବିଜୟ ହାସଲ କରିବା ଯୋଗୁ ବଳବତର ହୋଇଛି। ଜରୁରୀ ପରିସ୍ଥିତି ଜାରି ନକରି ମଧ୍ୟ ଭିନ୍ନ ମତକୁ ବା ବିରୋଧୀମାନଙ୍କୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ ବିଭିନ୍ନ ଉପାୟ ଚିନ୍ତା କରାଯାଉଛି। ପ୍ରଥମେ କର୍ପୋରେଟମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ୟୁପିଏ ସରକାର ସମୟରେ ହୋଇଥିବା ଜମି ଅଧିଗ୍ରହଣ ଆଇନକୁ ସଂଶୋଧନ କରିବା ନିମନ୍ତେ ଉଦ୍ୟମ ହୋଇଥିଲା। କିନ୍ତୁ ରାଜ୍ୟସଭାରେ ଦଳର ସଂଖ୍ୟା ଗରିଷ୍ଠତା ନଥିବାରୁ ଓ କୃଷକମାନଙ୍କ ପକ୍ଷରୁ ଜୋରଦାର ପ୍ରତିବାଦ ହେବାରୁ ସେହି ସଂଶୋଧନକୁ ଆଉ ଆଇନରେ ପରିଣତ କରାଯାଇନଥିଲା। କିନ୍ତୁ କର୍ପୋରେଟଗୁଡ଼ିକ ଭାରତର ଗଣମାଧ୍ୟମକୁ ଏପରି ନିୟନ୍ତ୍ରଣ କରିନେଲେ ଯେ, ସରକାରୀ ବିରୋଧୀ ମତକୁ ନ୍ୟୁନ କରାଯାଇ କେବଳ ହିନ୍ଦୁ ମୁସଲମାନ ବିତର୍କକୁ ବଢ଼ାଇବା ପାଇଁ ଗଣମାଧ୍ୟମଗୁଡ଼ିକୁ ବ୍ୟବହାର କରାଗଲା। ଯେଉଁ ସିଭିଲ ସୋସାଇଟି ବା ନାଗରିକ ସମାଜ ସରକାରଙ୍କ ଦୋଷ ଦୁର୍ବଳତା ପଦାକୁ ଆଣନ୍ତି ବା ନାଗରିକମାନଙ୍କ ଅଧିକାର ପାଇଁ ଲଢ଼େଇ କରନ୍ତି ସେମାନଙ୍କୁ ୟୁଏପିଏ ଜରିଆରେ ଛନ୍ଦିଦେବାର ଉଦ୍ୟମ କରାଯାଇଛି। ଭୀମ କାରାଗାଓଁ ମାମଲା ଏହାର ଏକ ଜ୍ୱଳନ୍ତ ଉଦାହରଣ। ସେଥିରେ ଅଭିଯୁକ୍ତମାନେ ଗତ ଚାରି ବର୍ଷ ହେଲା ଜେଲରେ ଅଛନ୍ତି ଓ ସେମାନଙ୍କ ଭିତରୁ ଅନେକ ଅତ୍ୟନ୍ତ ବୟସ୍କ। ସେମାନଙ୍କ ଭିତରୁ ଷ୍ଟାନ୍ ସ୍ୱାମୀ ଜେଲରେ ମୃତ୍ୟୁବରଣ କରିଛନ୍ତି। କାରଣ ଏହି ଆଇନରେ ଜାମିନ ବ୍ୟବସ୍ଥାକୁ ସରକାର ଏପରି କଠୋର କରିଦେଇଛନ୍ତି ଯେ, ବିଚାର ଶେଷ ନହେଲା ପର୍ଯ୍ୟନ୍ତ କେହି ଜାମିନ ପାଇବା କଷ୍ଟକର। ନାଗରିକ ସମାଜକୁ ଦୁର୍ବଳ କରିବା ପାଇଁ ବିଦେଶୀ ଏନଜିଓ ସହଯୋଗରେ ପାଣ୍ଠି ପାଉଥିବା ସଂଗଠନଗୁଡ଼ିକ ପାଇଁ ପଂଜୀକରଣ ଅତି କଠୋର କରିଦିଆଯାଇଛି। ସେଥିରେ ଦେଶ ଭିତରେ ବହୁ ଏନଜିଓ ବନ୍ଦ ହୋଇଯାଇଛନ୍ତି। କେନ୍ଦ୍ର ସରକାର ନିର୍ବାଚନରେ କଳାଧନ ରୋକିବା ନାଁରେ ଯେଉଁ ଇଲେକ୍ଟୋରାଲ ବଣ୍ଡ ଆଇନ ପ୍ରଣୟନ କଲେ ଯେଉଁଥିରେ କେଉଁ କମ୍ପାନୀ କେଉଁ ଦଳକୁ କେତେ ଅର୍ଥ ଦେଲା ତାହା କେହି ଜାଣିପାରିବେ ନାହିଁ ତାହାର ବ୍ୟବସ୍ଥା ଯୋଗୁ ଗତ ୪ବର୍ଷ ଭିତରେ ଏହି ପାଣ୍ଠିରେ କମ୍ପାନୀମାନେ ୧୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ପ୍ରଦାନ କରିଛନ୍ତି, ଯେଉଁଥିରୁ ପ୍ରାୟ ୭୦ଭାଗ ଅର୍ଥ କେବଳ ଶାସକ ବିଜେପିକୁ ମିଳିଛି। କଳାଧନ ଲୋପ ପାଇଁ ବିମୁଦ୍ରାକରଣ କରାଯାଇ ଲୋକମାନଙ୍କୁ ହଇରାଣ ହରକତ କରିବା ସହିତ ଛୋଟ ଛୋଟ ବ୍ୟବସାୟୀ ଓ କ୍ଷୁଦ୍ର ଶିଳ୍ପମାନଙ୍କୁ ଦୁର୍ବଳ କରିଦିଆଗଲା। କିନ୍ତୁ କଳାଧନ ବାହାରିଲା ନାହିଁ। ଅପରପକ୍ଷରେ ଅପରାଧରୁ ସୃଷ୍ଟି ହେଉଥିବା କଳାଧନକୁ ଜବତ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧୀନରେ ମନି ଲଣ୍ଡ୍ରିଂ ରୋକିବା ନିମନ୍ତେ ହୋଇଥିବା ପିଏମଏଲ୍‌କୁ ସଂଶୋଧନ କରିଆରେ ଅଧିକ ଶକ୍ତିଶାଳୀ କରାଯାଇଛି। ଯେଉଁଥିରେ ୟୁଏପିଏ ପରି ଏଥିରେ ଅଭିଯୁକ୍ତ ହେଉଥିବା ବ୍ୟକ୍ତିମାନଙ୍କୁ ଜାମିନ ମିଳିବା ଅସମ୍ଭବ ହୋଇପଡ଼ିଛି। କେବଳ ସେତିକି ନୁହେଁ, ନିକଟରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅନୁସାରେ ପିଏମଏଲ୍‌ରେ କୌଣସି ତ୍ରୁଟି ନାହିଁ ବୋଲି ଯେପରି କୁହାଯାଇଛି ସେଥିରେ ଇଡି ଅତ୍ୟଧିକ ଶକ୍ତିଶାଳୀ ହୋଇଯାଇଛି। ବାସ୍ତବରେ ସଂଶୋଧିତ ବ୍ୟବସ୍ଥାରେ ଏହି ଆଇନକୁ ସୁପ୍ରିମକୋର୍ଟ ରାୟ ଫଳରେ ଏପରି କରାଯାଇଛି ଯେଉଁଥିରେ କ୍ରିମିନାଲ ଜଷ୍ଟିସ୍ ସିଷ୍ଟମ୍‌ର ମୌଳିକ ଧାରା ମଧ୍ୟ ଓଲଟପାଲଟ ହୋଇଯାଉଛି। ଖାଲି ଜାମିନ ନୁହେଁ, ଇଡି ନିକଟରେ ଅଭିଯୁକ୍ତ ଯେଉଁ ବୟାନ ଦେଇଥିବେ ତାହା ତାଙ୍କ ବିରୋଧରେ ଅଦାଲତରେ ସାକ୍ଷ୍ୟ ଭାବରେ ବ୍ୟବହାର କରାଯାଇପାରେ। ଯାହାକି ଅନ୍ୟ କୌଣସି ଅପରାଧ ଆଇନରେ ନାହିଁ। ଏହି ଅପରାଧରେ ଯେତେସବୁ ଅପରାଧ ସାମିଲ କରିଦିଆଯାଇଛି ସେଥିରେ ସେହି ସବୁ ଅପରାଧ ପାଇଁ ଥିବା ଅନ୍ୟ ଆଇନଗୁଡ଼ିକ ବସ୍ତୁତଃ ଅକାମୀ ହୋଇଯାଇଛି। ଯେଉଁଥିରେ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ଅପରାଧ ପାଇଁ ଆଇନ ରହିଛି ସେଠାରେ ମଧ୍ୟ ପିଏମଏଲ୍‌ର ଆଶ୍ରୟ ନିଆଯାଇ ଅଭିଯୁକ୍ତମାନଙ୍କୁ ଅଟକ ରଖାଯାଇଛି। ଗତ ୫ବର୍ଷ ଭିତରେ ଯଦି ଦେଖାଯାଏ ତେବେ ମାତ୍ର କେତେଜଣ ବ୍ୟବସାୟୀଙ୍କୁ ଛାଡ଼ିଦେଲେ ଇଡିର ସମସ୍ତ କାର୍ଯ୍ୟାନୁଷ୍ଠାନ କେବଳ ବିରୋଧୀମାନଙ୍କ ବିରୋଧରେ ଉଦ୍ଦିଷ୍ଟ ହୋଇଛି। ମହାରାଷ୍ଟ୍ରରେ ସରକାର ପତନରେ ଏହାର ଭୂମିକା ଓ ଯେଉଁଠାରେ ବିରୋଧୀ ସରକାର ଭାଙ୍ଗିବାର ସୁଯୋଗ ଅଛି ବା ଯେଉଁଠାରେ ନିର୍ବାଚନ ସମୟ ଆସୁଛି ସେଠାରେ ଇଡିକୁ କ୍ରିୟାଶୀଳ କରାଯାଉଛି। ନିକଟରେ କଂଗ୍ରେସ ଦଳର ସଭାନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଳ ଗାନ୍ଧୀଙ୍କୁ ଇଡି ଆଗରେ ଜଣଙ୍କୁ ୩ଦିନ ଓ ଅନ୍ୟଜଣଙ୍କୁ ୫ଦିନ ଜେରାର ସମ୍ମୁଖୀନ ହେବାକୁ ପଡ଼ିଛି। ଯଦିଓ ଯେଉଁ ମାମଲାରେ ସେମାନଙ୍କ ବିରୋଧରେ ଇଡି କାର୍ଯ୍ୟ କରୁଛି ସେଥିରେ ଟଙ୍କା ପଇସାର ବାସ୍ତବରେ କୌଣସି କାରବାର ନାହିଁ। ପଶ୍ଚିମବଙ୍ଗରେ ପାର୍ଥ ଚାଟାର୍ଜୀଙ୍କ କଥା ସଂପୂର୍ଣ୍ଣ ଭିନ୍ନ। କୋର୍ଟର ଆଦେଶ ବଳରେ ସିବିଆଇ ଶିକ୍ଷକ ନିଯୁକ୍ତିରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ କଲାବେଳେ ଇଡି ଚଢ଼ଉ କରି ବିପୁଳ ଅର୍ଥ ତାଙ୍କ ବାନ୍ଧବୀଙ୍କ ଠାରୁ ଜବତ କରିଛି। କିନ୍ତୁ ଯେଉଁ ଲୋକପାଳ ଆନ୍ଦୋଳନ ଯୋଗୁ କେନ୍ଦ୍ର ସରକାର ସେତେବେଳେ ଲୋକପାଳ ଗଠନ କରିଥିଲେ ଯଦି ଇଡି ସେହି ସଂସ୍ଥା ଅଧୀନରେ କାମ କରୁଥାନ୍ତା ତେବେ ଏହାକୁ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି ବୋଲି କହିବାର ଅବକାଶ କମିଯାଇଥାନ୍ତା।

୨୦୧୯ରେ ବିଜେପି ଦ୍ୱିତୀୟବାର ଅଧିକ ଆସନ ସହିତ କ୍ଷମତାକୁ ଆସିବା ଓ ନିକଟରେ ଉତରପ୍ରଦେଶ ନିର୍ବାଚନରେ ଏହି ଦଳ ଯେପରି ବିଜୟୀ ହେଲା ସେଥିରେ ହିନ୍ଦୁ ମୁସଲମାନ ବିତର୍କକୁ ତ୍ୱରାନ୍ୱିତ କରାଯିବା ସହିତ ବିରୋଧୀ ବା ଭିନ୍ନ ମତାଲମ୍ବୀଙ୍କ ବିରୋଧରେ ୟୁଏପିଏ ବା ପିଏମ୍ଏଲ୍‌ରେ ପ୍ରୟୋଗର ଭୟ ବିରୋଧୀ ପକ୍ଷକୁ ଅତି ମାତ୍ରାରେ ଆନ୍ଦୋଳିତ କରୁଥିବାରୁ ଦେଶରେ ବେକାରୀ, ମୂଲ୍ୟ ବୃଦ୍ଧି, ଟଙ୍କାର ମୂଲ୍ୟ ହ୍ରାସ ପ୍ରଭୃତି ବହୁ ପ୍ରସଙ୍ଗରେ ବିରୋଧୀ ପକ୍ଷ ଠିକ୍ ଭାବରେ ଏହାର ବାର୍ତ୍ତା ରଖିପାରୁନାହାନ୍ତି। ବିରୋଧୀ ପକ୍ଷକୁ ଭୟଭୀତ କରି ଶାସନ କରିବାର ଯେଉଁ ପରମ୍ପରା ଆରମ୍ଭ ହୋଇଛି ତାହା କଦାପି ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମକୁ ଉତ୍ସାହିତ କରିବ ନାହିଁ। ଏପରିକି କର୍ଣ୍ଣାଟକରେ ଜଣେ ହିନ୍ଦୁତ୍ୱ ଗୋଷ୍ଠୀର ଯୁବକର୍ମୀଙ୍କ ହତ୍ୟା ଘଟଣା ପରେ ସେଠାକାର ବିଜେପି ସରକାର ଯୋଗୀ ମଡେଲ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଧମକ ଦେଇଛନ୍ତି, ଅର୍ଥାତ ସଂଖ୍ୟାଲଘୁମାନଙ୍କୁ ଦମନ କରାଯିବା ଚିନ୍ତା କରୁଛନ୍ତି ତାହା ସ୍ୱାଧୀନତାର ଅମୃତ ମହୋତ୍ସବକୁ କେଉଁ ସ୍ଥାନକୁ ନେବ ତାହା ସହଜରେ କଳ୍ପନା କରାଯାଇପାରେ।


ବରିଷ୍ଠ ସାମ୍ବାଦିକ
ମୋ- ୮୦୧୮୦୯୪୪୫୫

# ନିରକ୍ଷରତା ଦୂର ପାଇଁ ଐକ୍ୟବଦ୍ଧ ପ୍ରୟାସ ହେଉ: ଧର୍ମେନ୍ଦ୍ର




ରାଉରକେଲା: ୧୯୪୭ ମସିହାରେ ଦେଶରେ ନିରକ୍ଷରତା ହାର ପ୍ରାୟ ୮୦ ପ୍ରତିଶତ ଥିଲା। ଅର୍ଥାତ୍ ସେତେବେଳେ ଭାରତର ପାଖାପାଖି ୨୫ କୋଟି ଲୋକ ନିରକ୍ଷର ଥିଲେ। ଦେଶ ସ୍ୱାଧୀନତା ପାଇବାର ୭୫ ବର୍ଷ ଭିତରେ ନିଶ୍ଚିତଭାବରେ ସ୍ୱାକ୍ଷରତା ହାର ବୃଦ୍ଧି ପାଇଛି। ତେବେ ଏବେ ବି ଦେଶର ୨୦ ପ୍ରତିଶତ, ଅର୍ଥାତ୍ ପ୍ରାୟ ୨୭ କୋଟି ଜନତା ନିରକ୍ଷର। ଶତ ପ୍ରତିଶତ ଜନସଂଖ୍ୟା ସ୍ୱାକ୍ଷର ନ ହେଲେ ଆମର ଲକ୍ଷ୍ୟ ୫ ଟ୍ରିଲିୟନ ଡଲାର ଅର୍ଥନୀତି, ଉତ୍ପାଦନକାରୀ ଅର୍ଥନୀତି ତଥା ସୁପରପାୱାର ହେବାରେ ବାଧକ ସାଜିବ। ଏହି ଚିତ୍ରରେ ପରିବର୍ତ୍ତନ ଆଣିବା ନିତାନ୍ତ ଜରୁରୀ। ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର ସହ ନିଜ ନିଜ ସାମାଜିକ ଦାୟିତ୍ୱବୋଧ ପାଳନ ପୂର୍ବକ ଏହା ସମ୍ଭବ। ପ୍ରତ୍ୟେକ ବ୍ୟକ୍ତିବିଶେଷ ଅନ୍ତତଃ ଆଗାମୀ ୨୫ ବର୍ଷ ପାଇଁ ନିଜ ଦାୟିତ୍ୱ ସମ୍ପାଦନ କରନ୍ତୁ। ଆମେ ଆମ ଦାୟିତ୍ୱ ନିର୍ବାହ କଲେ, ଆଉ ଜଣଙ୍କର ଅଧିକାର ସୁରକ୍ଷିତ ଓ ଅକ୍ଷୁର୍ଣ୍ଣ ରହିପାରିବ। ନିରକ୍ଷରତା ଲୋପ କରିବାକୁ ଏଭଳିଭାବେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ୧୯ତମ ସମାବର୍ତ୍ତନ ଉତ୍ସବର ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ କହିଲେ, ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଏହା ଛାତ୍ରଛାତ୍ରୀଙ୍କୁ ନୂଆ ଦାୟିତ୍ୱ ନେବାକୁ ପ୍ରବର୍ତ୍ତାଇଥାଏ। ସ୍ନାତକ ହାସଲ କରିଥିବା ଛାତ୍ରଛାତ୍ରୀ ନିଜେ ସଫଳ ହୋଇ ସମାଜପ୍ରତି ଦାୟିତ୍ୱକୁ ସମ୍ପାଦନ କରିବା ଆବଶ୍ୟକ। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀତା ତଥା ଦିଗ୍‌ଦର୍ଶନ ଫଳରେ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ପ୍ରଣୟନ ହୋଇପାରିଛି। ଏଥିରେ ମାତୃଭାଷା, ଟେକ୍ନୋଲୋଜିର ଉପଯୋଗ ତଥା ଅନେକ ଉପାଦେୟ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଛି। ବ୍ଲକ ଚେନ୍ ଆଧାରିତ ଟେକ୍ନୋଲୋଜି ସାହାଯ୍ୟରେ ଏନ୍‌ଆଇଟି ସାର୍ଟିଫିକେଟ୍ ବଣ୍ଟନ ବ୍ୟବସ୍ଥା କରିଛି; ଯାହାକି ପ୍ରଶଂସନୀୟ। ତେବେ ଏହି ବ୍ଲକଚେନ୍ ଟେକ୍ନୋଲୋଜିର ବ୍ୟବହାର କରି ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ ହେଉ। ଏହା ସମାଜ ପାଇଁ ଲାଭଦାୟକ ହେବାସହ କଲ୍ୟାଣକାରୀ ଯୋଜନାର ବିତରଣରେ ଅଧିକ ସ୍ୱଚ୍ଛତା, ଗତି ଆଣିବାସହ ସୁଦୂରପ୍ରସାରୀ ହେବ। ୨୦୨୫ ସୁଦ୍ଧା ଅଧା କାମ ହାତରେ ଓ ଅଧା କାମ ମେସିନରେ ପରିଚାଳିତ ହେବ। ଶିଳ୍ପ ବିପ୍ଳବ ୪.୦ ଓତଃପ୍ରୋତ ଭାବେ କୃତ୍ରିମ ବୁଦ୍ଧିମତା(ଏଆଇ) ଉପରେ ଗୁରୁତ୍ୱ ଦେଇ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ଏନଆଇଟି ରାଉରକେଲା ଏହାର ସୁଯୋଗ ନେଇ ସୁନ୍ଦରଗଡ଼ ଜିଲ୍ଲାକୁ ଏକ ଲାବରୋଟୋରୀ ଭାବେ ପରିଣତ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକବୋଲି କହିଥିଲେ। ଭାରତ ହେଉଛି ଗଣତନ୍ତ୍ରର ଜନକ। ଜନଜାତି ସମୁଦାୟର ନେତ୍ରୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହାମହିମ ରାଷ୍ଟ୍ରପତି ପଦବୀରେ ଅଭିଷିକ୍ତ ହେବା ଆମ ଗଣତନ୍ତ୍ରର ମହାନ ପରମ୍ପରାର ନିଦର୍ଶନ। ଏନ୍‌ଆଇଟି କିଭଳି ସ୍ଥାନୀୟ ଜୀବନଶୈଳି, ସ୍ୱଚ୍ଛତା, ପରିବେଶ ସୁରକ୍ଷାରେ ଅବଦାନ ଦେବ, ସେଥିପ୍ରତି ଦୃଷ୍ଟିଦେବା ଶ୍ରେୟସ୍କର। ଏହାସହ ସମାବର୍ତ୍ତନ ଉତ୍ସବ ପରିପ୍ରେକ୍ଷୀରେ ପରିବେଷିତ ପ୍ରସିଦ୍ଧ ସମ୍ବଲପୁରୀ ଡାଲଖାଇ ନୃତ୍ୟ ଓ ଛାତ୍ରଛାତ୍ରୀଙ୍କ ସମ୍ବଲପୁରୀ ବେଶଭୂଷାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ତଥା ବୋର୍ଡ ଅଫ୍ ଗଭର୍ଣ୍ଣାସ୍ ଅଧ୍ୟକ୍ଷ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ପେ?ରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ସୁନ୍ଦରଗଡ଼ ସାଂସଦ ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମଞ୍ଚାସୀନ ଥିଲେ। ଉତ୍ସବରେ ୮୫୯ ସ୍ନାତକୋତ୍ତର, ୬୦୮ ପୋଷ୍ଟ ଗ୍ରାଜୁଏଟ୍ ଓ ୮୮ ପିଏଚ୍‌ଡି, ମୋଟ୍ ୧୫୫୫ ଜଣଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହାସହ ୬ ଜଣଙ୍କୁ 'ଅନୁଷ୍ଠାନ ସ୍ୱର୍ଣ୍ଣ ପଦକ' ପ୍ରଦାନ କରାଯାଇଥିଲା।

# ନ୍ୟୁୟର୍କରେ ସଲମାନଙ୍କୁ ଛୁରୀରେ ଆକ୍ରମଣ



ନ୍ୟୁୟର୍କ: ବିଶିଷ୍ଟ ଲେଖକ ସଲମାନଙ୍କୁ ଆକ୍ରମଣ । ସାଟାନିକ ଭର୍ସେସର ଲେଖକ ରହିଛନ୍ତି ସଲମାନ। ନ୍ୟୁୟର୍କରେ ସଲମାନଙ୍କ ଉପରେ ହୋଇଛି ଆକ୍ରମଣ। ଦି ସାଟାନିକ ଭର୍ସେସ ପୁସ୍ତକ ପ୍ରକାଶ ପାଇବା ପରେ ବିଶ୍ୱର ବିଭିନ୍ନ ମହଲରୁ ତାଙ୍କ ବିରୋଧରେ ପ୍ରତିବାଦ ସୃଷ୍ଟି ହେବା ସହ ହତ୍ୟା ଧମକ ଦିଆଯାଇଥିଲା। ନ୍ୟୁୟର୍କସ୍ଥିତ ଚାଉତାକ୍ୟୁଆ ଇନଷ୍ଟିଚ୍ୟୁସରେ ଆୟୋଜିତ ଏକ ଦୀକ୍ଷାନ୍ତ ଭାଷଣ ବେଳେ ତାଙ୍କୁ ଦୁର୍ବୃତ୍ତ ଛୁରୀ ଭୁଷିଥିବା ସୂଚନା ମିଳିଛି । ଆକ୍ରମଣ ପରେ ସଲମାନ ତଳେ ପଡିଯାଇଥିବା ଦେଖାଯାଇଛି । ୧୯୮୦ ଦଶକରେ ସାଟାନିକ ଭର୍ସେସ ପୁସ୍ତକ ପ୍ରକାଶିତ ହେବା ପରେ ସାରା ବିଶ୍ୱରେ ଚର୍ଚ୍ଚାର ପରିସରକୁ ଆସିଥିଲେ ସଲମାନ । ତାଙ୍କ ବିରୋଧରେ ଇରାନ ଜାରି କରିଥିଲା ଫତୱା । ଭାରତୀୟ ବଂଶୋଭବ ସଲମାନ ବ୍ରିଟିଶ ନାଗରିକ ଭାବେ ୨୦ ବର୍ଷ ଧରି ବାସ କରୁଛନ୍ତି । ୧୯୪୭ ଜୁନ ୧୯ରେ ବମ୍ବେରେ ଜନ୍ମଗ୍ରହଣ କରିଥିଲେ ସଲମାନ ରସିଦ ।

# ୯ କିମି ଲମ୍ବ ଜାତୀୟ ପତାକା ଉଡ଼ାଇବେ ୫୦ ହଜାର ଲୋକ

ବେଙ୍ଗାଲୁରୁ : କର୍ଣ୍ଣାଟକର ଧାରୱାଡ଼ ଜିଲ୍ଲା ଅଗଷ୍ଟ ୧୫ ତାରିଖରେ ବିଶ୍ୱ ରେକର୍ଡ କରିବ। ୫୦ ହଜାରରୁ ଅଧିକ ଲୋକ ୯ କିମି ଲମ୍ବ ଏବଂ ୯ ଫୁଟ୍ ଚଉଡ଼ାର ଏକ ତ୍ରିରଙ୍ଗା ଧରି ଏକ ରାଲି କରିବେ। ୭୫ ତମ ସ୍ୱାଧୀନତା ଦିବସରେ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାପାଇଁ ଏହି ଉଦ୍ୟମ ହୋଇଛି। ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ ଲାଡ଼ଙ୍କ ଦ୍ୱାରା ଏହି ଉଦ୍ୟମ ହୋଇଛି। ଅଗଷ୍ଟ ୧୫, ୨୦୨୧ରେ ସନ୍ତୋଷ ଲାଡ଼ ଫାଉଣ୍ଡେସନ ୨ କିମି ଲମ୍ବ ଏବଂ ୯ କିମି ଚଉଡ଼ାର ଏକ ପତାକା ଧରି ରାଲି କରିଥିଲେ। କିନ୍ତୁ ଚଳିତ ଥର ୯ କିମି ଲମ୍ବ ଏବଂ ୯ କିମି ଚଉଡ଼ାର ଜାତୀୟ ପତାକା ଉଡ଼ାଯିବ।

# କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧି କୋଭିଡ ସଂକ୍ରମିତ



ନୂଆଦିଲ୍ଲୀ: କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧିଙ୍କୁ ପୁଣି କୋଭିଡ । ଗତ କିଛି ଦିନ ତଳେ ସେ କୋଭିଡରୁ ଆରୋଗ୍ୟ ହୋଇଥିଲେ । କୋଭିଡ ସଂକ୍ରମଣ ନେଇ ସୂଚନା ଦେଇଛନ୍ତି କଂଗ୍ରେସ ନେତା ଜୟରାମ ରମେଶ । ପୁଣି କୋଭିଡ ସଂକ୍ରମିତ ହେବା ପରେ ସୋନିଆ ରହିଛନ୍ତି ଆଇସୋଲେସନରେ । ଗତକିଛି ଦିନ ତଳେ ବହୁଚର୍ଚ୍ଚିତ ନ୍ୟାସନାଲ ହେରାଲଡ୍ ମାମଲାରେ ସୋନିଆଙ୍କୁ ଇଡି ନୋଟିସ ଜାରି କରିଥିଲା । ମାତ୍ର କୋଭିଡ ସଂକ୍ରମିତ ଯୋଗୁ ସେ ହାଜର ହେବା ଲାଗି ତାରିଖ ଘୁଞ୍ଚାଇଥିଲେ ।

# ମୋର ପ୍ରଧାନମନ୍ତ୍ରୀ ହେବାର ଇଚ୍ଛା ନାହିଁ: ନୀତୀଶ କୁମାର



ପାଟନା: ପ୍ରଧାନମନ୍ତ୍ରୀ ହେବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ତାଙ୍କର ପ୍ରଧାନମନ୍ତ୍ରୀ ହେବାର କୌଣସି ଇଚ୍ଛା ନାହିଁ । ବରଂ ୨୦୨୪ ପୂର୍ବରୁ ସବୁ ବିରୋଧୀ ଏକଜୁଟ୍ ହେବାର ସମୟ ଆସିଲାଣି ବୋଲି ସେ କହିଛନ୍ତି । ବିରୋଧୀ ଏକଜୁଟ୍ ହୋଇ ଦେଶର ସମସ୍ୟାକୁ ସମାଧାନ କରିବାକୁ ପଡିବ । ଏନେଇ ସେ ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା ଜାରି ରଖିଛନ୍ତି । ଖୁବଶୀଘ୍ର ଏନେଇ ଏକ ଏଜେଣ୍ଡା ପ୍ରସ୍ତୁତ ହେବ । ୨୦୧୪ରେ ଯିଏ ସରକାରକୁ ଆସିଥିଲେ ସେମାନେ ଚିନ୍ତା କରିବା ଦରକାର ଯେ ୨୦୨୪ରେ ସରକାର ଗଠନ କରିପାରିବେ କି ନାହିଁ । କାରଣ ସେତେବେଳର ସମୟ ଆଉ ଏବେ ନାହିଁ । ବର୍ତ୍ତମାନ ଲୋକ ସଚେତନ ହେଲେଣି ବୋଲି କହିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ।

# ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ; ମନ୍ତ୍ରୀ ଭାବେ ଶପଥ ନେଲେ ୧୮ ବିଧାୟକ



ମୁମ୍ବାଇ: ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ । ରାଜଭବନରେ ଶପଥ ନେଲେ ସିନ୍ଦେଙ୍କ ନୂଆ ଟିମ୍ । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କ ଉପସ୍ଥିତରେ ୧୮ ନୂଆ ବିଧାୟକ ମନ୍ତ୍ରୀ ପଦର ଶପଥ ନେଇଛନ୍ତି । ଏକନାଥ ସିନ୍ଦେଙ୍କ ଗୋଷ୍ଠୀର ୯ ବିଧାୟକ ଶପଥ ନେଇଥିବା ବେଳେ ବିଜେପିର ୯ ବିଧାୟକ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି । ବିଜେପି ପକ୍ଷରୁ ଚନ୍ଦ୍ରକାନ୍ତ ପାଟିଲ, ସୁଧୀର ମୁଙ୍ଗନ୍ତିୱାର, ଗିରୀଶ ମହାଜନ, ସୁରେଶ ଖାଡେ, ରାଧାକ୍ରୀଷ୍ଣ ପାଟିଲଙ୍କ ସମେତ ୯ ବିଧାକୟ ଶପଥ ନେଇଛନ୍ତି । ସେହିପରି ସିନ୍ଦେ ଗୋଷ୍ଠୀରୁ ଦାଦା ଭୁସେ, ସନ୍ଦୀପନ ଭୂମରେ, ଉଦୟ ସାମନ୍ତ, ତାନାଜୀ ସାୱନ୍ତ ଙ୍କ ସମେତ ୯ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି ।

# ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ଜଗଦୀପ ଧନଖଡ଼

ନୂଆଦିଲ୍ଲୀ: ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ଜଗଦୀପ ଧନଖଡ଼ । ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜଗଦୀପଙ୍କୁ ଶପଥ ପାଠ କରାଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଗତ ୬ ତାରିଖରେ ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀଦଳ ପ୍ରାର୍ଥୀ ମାର୍ଗାରେଟ ଆଲଭାଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ ଏନଡିଏ ପ୍ରାର୍ଥୀ ଧନଖଡ଼ । ଜଗଦୀପ ଧନଖଡ଼ ୫୨୮ ଭୋଟ ପାଇଥିବାବେଳେ ଆଲଭା ପାଇଥିଲେ ୧୮୨ ଭୋଟ୍ । ଧନଖଡ଼ ପାଇଥିବା ଭୋଟ ହାର ରହିଥିଲା ୭୪.୩୬ ପ୍ରତିଶତ । ୧୯୯୭ ପରଠାରୁ ଦେଶରେ ଅନୁଷ୍ଠିତ ୬ଟି ଉପରାଷ୍ଟ୍ରପତି ନିର୍ବାଚନରେ ସର୍ବାଧିକ ବ୍ୟବଧାନରେ ବିଜୟୀ ହୋଇଥିଲେ ଧନଖଡ଼ । ୭୮୦ ସାଂସଦଙ୍କ ମଧ୍ୟରୁ ୭୨୫ ସାଂସଦ ଭୋଟ ଦେଇଥିବାବେଳେ ୧୫ ଭୋଟ ନାକଚ ହୋଇଥିଲା । ଭୋଟ ହାର ଥିଲା ୯୨.୯୪ ପ୍ରତିଶତ । ରାଜସ୍ଥାନର ଝୁନଝୁନୁ ଜିଲ୍ଲାରେ ୧୯୫୧ ମେ ୧୮ ତାରିଖରେ ଜନ୍ମଗ୍ରହଣ କରିଥିଲେ ଧନଖଡ଼ । ସେ ଚିତ୍ତୋରଗଡ଼ର ସୈନିକସ୍କୁଲରୁ ଶିକ୍ଷାଲାଭ କରିବା ପରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟରୁ ଏଲଏଲବି ପାସ୍ କରିଥିଲେ । ଧନଖଡ଼ ରାଜସ୍ଥାନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟରତ ଥିଲେ । ୧୯୮୯ରେ ସେ ଝୁନଝୁନୁ ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ।



# ଅଷ୍ଟମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ନୀତୀଶ



ପାଟନା: ବିହାରରେ ଆରମ୍ଭ ହେଲା ନୂଆ ସରକାର । ବିହାରରେ ଆରମ୍ଭ ହେଲା ନୀତୀଶ-ତେଜସ୍ୱୀ ରାଜ୍ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନୀତୀଶ କୁମାର । ଅଷ୍ଟମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ ନୀତୀଶ କୁମାର । ପଦ ଓ ଗୋପନୀୟତାର ଶପଥ ପାଠ କରାଇଲେ ରାଜ୍ୟପାଳ । ସେହିପରି ଭାବରେ ଦ୍ୱିତୀୟ ଥର ପାଇଁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ। ଏହା ସହ ତେଜସ୍ୱୀ ଗୃହ ବିଭାଗ ମଧ୍ୟ ଚାହିଁଛନ୍ତି ।

ବିହାରରେ ହୋଇଥିବା ନୂଆ ସରକାରରେ ୩୫ ମନ୍ତ୍ରୀ ରହିବେ । ଏହି ମନ୍ତ୍ରୀମଣ୍ଡଳରେ କଂଗ୍ରେସ ଓ ହାମ୍ ସଦସ୍ୟ ବି ସ୍ଥାନ ପାଇବେ । ଏତିରେ ଆରଜେଡିର ୧୬, ଜେଡିୟୁର୧୩, କଂଗ୍ରେସର ୪ ବିଧାୟକ ଓ ହାମର ଜଣେ ବିଧାୟକ ମନ୍ତ୍ରୀ ପଦର ଶପଥ ନେବେ ବୋଲି କୁହାଯାଉଛି । ନୂଆ ସରକାର ପାଇଁ ୭ଟି ଦଳର ୧୬୪ ବିଧାୟକଙ୍କ ସମର୍ଥନ ଥିବା ନୀତୀଶ କହିଛନ୍ତି । ଗତକାଲି ରାଜ୍ୟପାଳଙ୍କୁ ଭେଟି ନୀତୀଶ ମୁଖ୍ୟମନ୍ତ୍ରୀପଦରୁ ଇସ୍ତଫା ଦେଇଥିବା ବେଳେ ମହାମେଣ୍ଟ ସହ ମିଶି ସରକାର ଗଢ଼ିବେ ବୋଲି ଘୋଷଣା କରିଥିଲେ ।

## ଯୋଗୀଙ୍କୁ ହତ୍ୟା ଧମକ



ଲକ୍ଷ୍ନୌ: ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହତ୍ୟା ଧମକ। ୟୁପିର ପୋଲିସ କଣ୍ଟ୍ରୋଲ ରୁମ ୧୧୨ ହ୍ୱାଟସଆପ ନମ୍ବରରେ ଆସିଛି ହତ୍ୟା ଧମକ । ଯେଉଁ ନମ୍ବରରୁ ଧମକ ଆସିଛି ତାହା ଶାହିଦ ଖାନ୍ ନାମରେ ରେଜିଷ୍ଟର ହୋଇଛି । ଧମକ ପରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସାଇବର ଓ ସର୍ଭିଲାନ୍ସ ସେଲ୍ ମଧ୍ୟ ପୋଲିସକୁ ତଦନ୍ତରେ ସାହାଯ୍ୟ କରୁଛନ୍ତି । ମୋବାଇଲ ନମ୍ବର ଆଧାରରେ ପୋଲିସ ଅଭିଯୁକ୍ତକୁ ଖୋଜୁଛି । ତାକୁ ଗିରଫ କରିବା ପାଇଁ ପୋଲିସ ଟିମ୍ ଗଠନ କରିଛି । ଅଗଷ୍ଟ ୨ରେ ୟୁପିର ପୋଲିସ ହେଲ୍ପଲାଇନ ନମ୍ବର ୧୧୨ର ହ୍ୱାଟସଆପ୍‌କୁ ଯୋଗୀଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଥିଲା ଆତତାୟୀ। ମାତ୍ର ୩ ଦିନରେ ଯୋଗୀଙ୍କୁ ବମ୍‌ରେ ଉଡାଇ ଦେବାକୁ ଧମକ ଦେଇଥିଲା ଦୁର୍ବୃତ୍ତ। ଅଭିଯୁକ୍ତର ଲୋକେସନ୍‌କୁ ଟ୍ରାକ କରିବାକୁ ଉଦ୍ୟମ କରୁଛି ପୋଲିସ । ଖୁବଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୋଲିସ କହିଛି ।

## ଦଳିତଙ୍କୁ ହତ୍ୟା କରି ୨୭ ଜଣଙ୍କୁ ଆଜୀବନ କାରାଦଣ୍ଡ

ଚେନ୍ନାଇ: କଚନାଥମ ଟ୍ରିପଲ ମର୍ଡର କେସ୍‌ରେ ୨୭ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ । ଶିବଗଙ୍ଗା ଜିଲ୍ଲାର ଏକ ସ୍ୱତନ୍ତ୍ର ଅଦାଲତ ଏହି ରାୟ ଶୁଣାଇଛନ୍ତି। କଚନଂଥମ ଗାଁର ତିନି ଜଣ ଦଳିତଙ୍କୁ ହତ୍ୟାର ୪ ବର୍ଷ ପରେ ରାୟ ଶୁଣାଇଛନ୍ତି କୋର୍ଟ । ମନ୍ଦିରରେ ଆୟୋଜିତ ଏକ ସମାରୋହରେ କମେଣ୍ଟ ମରାକୁ ନେଇ ବିବାଦ ପରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଅନୁସୂଚିତ ଜାତି ଓ ଜନଜାତି ଅଧିନିୟମ ଅନୁସାରେ ସ୍ୱତନ୍ତ୍ର କୋର୍ଟ ଶୁଣାଣି କରି ଦଣ୍ଡ ଶୁଣାଇଛନ୍ତି । ଘଟଣାରେ ୩୩ ଜଣ ଅଭିଯୁକ୍ତ ଥିବାବେଳେ ୨୭ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଶୁଣାଣି ଚାଲିଥିବା ସମୟରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା । ମାଡ୍ରାସ ଉଚ୍ଚ ନ୍ୟାୟାଳୟର ମଦୁରୈ ପୀଠ ୨୦୧୯ରେ କିଛି ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରିଥିଲେ ।

# ଭେଙ୍କିୟା ନାଇଡୁଙ୍କ ଅନୁଭବ ଯୁବବର୍ଗଙ୍କୁ ମାର୍ଗ ଦେଖାଇବ; ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଉପ ରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଭେଙ୍କିୟା ନାଇଡୁଙ୍କୁ ଫେରୱେଲ ଦିଆଯାଇଛି । ଜଗଦୀପ ଧନଖଡ଼ ନୂଆ ଉପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଥିବା ବେଳେ ଭେଙ୍କିୟାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ସମସ୍ତ ସାଂସଦ ଏବଂ ଯୁବପିଢ଼ି ତଥା ସମାଜ ଓ ଦେଶ ନାଇଡୁଙ୍କ ଠାରୁ ବହୁତ କିଛି ଶିଖିବାର ଆବଶ୍ୟକତା ରହିଛି । ଉପ ରାଷ୍ଟ୍ରପତିଙ୍କ ଅନୁଭବ ଆମର ଯୁବପିଢ଼ିଙ୍କୁ ବାଟ ଦେଖାଇବ ଏବଂ ଲୋକତନ୍ତ୍ରକୁ ମଜବୁତ୍ କରିବ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆମ ସଂସଦରେ ଥିବା ବର୍ତ୍ତମାନର ବାଚସ୍ପତି, ରାଷ୍ଟ୍ରପତି ସ୍ୱାଧୀନ ଭାରତରେ ଜନ୍ମ ଗ୍ରହଣ କରିଥିଲେ । ସମସ୍ତେ ସାଧାରଣ ପରିବାରରୁ ଆସିଛନ୍ତି । ଏହାର ଏକ ସାଂକେତିକ



ମହତ୍ତ୍ୱ ରହିଛି । ଏହା ଦେଶରେ ନୂଆ ଯୁଗର ପ୍ରତୀକ । ନାଇଡୁ ଦେଶର ଏଭଳି ଉପ ରାଷ୍ଟ୍ରପତି ଯିଏ ନିଜର ସବୁ ଦାୟତ୍ୱ କାଳରେ ଯୁବକଙ୍କ ପାଇଁ ସର୍ବାଧିକ କାର୍ଯ୍ୟ କରିଛନ୍ତି । ଉପ-ରାଷ୍ଟ୍ରପତି ଭାବେ ଭେଙ୍କିୟା ନାଇଡୁ ଯେଉଁ ଭାଷଣ ଦେଇଛନ୍ତି ସେଥିମଧ୍ୟରୁ ପ୍ରାୟ ୨୫ ପ୍ରତିଶତ ଭାଷଣ ଯୁବପିଢ଼ି ଉଦ୍ଦେଶ୍ୟରେ ରହିଥିଲା । ଦଳୀୟ କର୍ମକର୍ତ୍ତା, ବିଧାୟକ, ସାଂସଦ, ଭାଜପା ଅଧ୍ୟକ୍ଷ, କ୍ୟାବିନେଟ୍ ମନ୍ତ୍ରୀ ଭାବେ ଆପଣ କାର୍ଯ୍ୟ ଦ୍ୱାରା ଲୋକଙ୍କ ହିତ ସାଧନ ହୋଇପାରିଥିଲା । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ମୁଁ ଆପଣଙ୍କୁ ଭିନ୍ନ ଭିନ୍ନ ପଦବୀରେ କାର୍ଯ୍ୟ କରୁଥିବା ଦେଖିଛି । ଆପଣ କେବେ ବି କେ ?ଣସି କାର୍ଯ୍ୟକୁ ବୋଝ ଭାବିନାହାନ୍ତି । ନିଜ କାମକୁ ଅଧିକ ଭଲ ଭାବେ କରିବାକୁ ଚେଷ୍ଟିତ ଥିଲେ । କିଭଳି ସଂସଦୀୟ ନୀତି ନିୟମ ପରମ୍ପରା ମଧ୍ୟରେ ଅତ୍ୟନ୍ତ ଶିଷ୍ଟଭାବେ ନିଜ କଥାକୁ ପ୍ରଭାବୀ ଢଙ୍ଗରେ ରଖିହେବ ସେ ଦିଗରେ ଆପଣଙ୍କ ଶୈ ?ଳୀ ସର୍ବଦା ପ୍ରେରଣାଦାୟୀ । ତାଙ୍କ କାର୍ଯ୍ୟକାଳ ସମୟରେ ସଂସଦର ପ୍ରଡକ୍ଟିଭିଟି ପ୍ରାୟ ୭୦ ପ୍ରତିଶତ ବଢ଼ିଥିଲା । ଏବଂ ୧୭୭ ବିଲ୍ ପାସ୍ ହେଲା ଏବଂ ଏ ସମ୍ପର୍କରେ ଆଲୋଚନା ମଧ୍ୟ ହୋଇଥିଲା । ବିଭିନ୍ନ ସମୟରେ ଆପଣ ନେଇଥିବା ନିର୍ଣ୍ଣୟ ଉଚ୍ଚ ସଦନର ଗରିମାକୁ ବୃଦ୍ଧି କରିଥିଲା ।

# ଚାରି ଦିନ ଆଗରୁ ସଂସଦର ମୌସୁମୀ ଅଧିବେଶନ ମୁଲତବୀ

ନୂଆଦିଲ୍ଲୀ: ଚାରି ଦିନ ଆଗରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ମୁଲତବୀ ହେଲା ସଂସଦର ମୌସୁମୀ ଅଧିବେଶନ । ତେବେ ଏହି ଅଧିବେଶନରେ ଅଧିକାଂଶ ବିଧେୟକ ସଂକ୍ରାନ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି । ଆସନ୍ତା ଅଗଷ୍ଟ ୯ରେ ମହରମ ଥିବାବେଳେ ୧୧ରେ ରାକ୍ଷୀ ପୂର୍ଣ୍ଣିମା ରହିଛି । ଏହି ଦୁଇଟି ଉତ୍ସବରେ ସାଂସଦମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀକୁ ଯିବାକୁ ଥିବାରୁ



ସଂସଦ ବନ୍ଦ ରଖିବାକୁ ଅନୁରୋଧ କରାଯାଇଥିଲା । ଆଉ କିଛି ବିଧେୟକ ଉପସ୍ଥାପିତ ହେବାକୁ ବାକି ଥିବାବେଳେ ସାଂସଦଙ୍କ ଅନୁରୋଧ କ୍ରମେ ସଂସଦକୁ ଆଗୁଆ ମୁଲତବୀ ଘୋଷଣା କରାଯାଇଛି । ଲୋକସଭା ବାଚସ୍ପତି ଓମ ବିରଲା କହିଛନ୍ତି- ମୌସୁମୀ ଅଧିବେଶନ ୧୬ ଦିନ ଲାଗି ଚାଲିଥିଲା ଏବଂ ୭ଟି ବିଧେୟକ ଗୃହୀତ ହୋଇଛି । ରାଜ୍ୟସଭାରେ ୩୮ ଘଣ୍ଟା କାର୍ଯ୍ୟ ହୋଇଥିବାବେଳେ ହଙ୍ଗାମାରେ ନଷ୍ଟ ହୋଇଥିଲା ୪୭ ଘଣ୍ଟା । ତେବେ ଆଗୁଆ ସଂସଦ ଅଧିବେଶନ ବନ୍ଦକୁ ନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି ତୃଣମୂଳ ସାଂସଦ ଡେରେକ ଓ ବ୍ରିଏନ ।

# ପବ୍ଲିକ ସର୍ଭିସ ପରୀକ୍ଷାରେ ଏକାଠି ଉତ୍ତୀର୍ଣ୍ଣ ହେଲେ ମାଆ-ପୁଅ

ନୂଆଦିଲ୍ଲୀ: ପ୍ରତିବର୍ଷ ପବ୍ଲିକ ସର୍ଭିସ ପରୀକ୍ଷାରେ ଅନନ୍ୟ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଅନେକ ପ୍ରେରଣାଭରା କଥା ସାମ୍ନାକୁ ଆସିଥାଏ । ଏଥର ପରୀକ୍ଷାରେ କମାଲ ଦେଖାଇଛନ୍ତି ମାଆ-ପୁଅ । ପୁଅକୁ ଶିକ୍ଷା ଦେଉ ଦେଉ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ମାଆ । ଅନେକ ବାଧାବିଘ୍ନକୁ ପଛରେ ପକାଇ ପହଞ୍ଚିଛନ୍ତି ଲକ୍ଷ୍ୟସ୍ଥଳରେ । ଏକାଠି ପରୀକ୍ଷା ଦେଇ ପବ୍ଲିକ ସର୍ଭିସ ପରୀକ୍ଷାରେ କୀର୍ତ୍ତିମାନ ରଚିଛନ୍ତି କେରଳ ମାଲାପୁରାମର ମାଆ-ପୁଅ । ଏକାଠି କୋଚିଂ, ଏକାଠି ପାଠପଢ଼ା ଆଉ ଏକାସଙ୍ଗେ ଜନସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ମାଆ ବିନ୍ଦୁ ଓ ପୁଅ ବିବେକ। ବିନ୍ଦୁଙ୍କ ବୟସ ୪୨ ହୋଇଥିବାବେଳେ ବିବେକଙ୍କ ବୟସ ୨୪ବର୍ଷ । ପରୀକ୍ଷା ପ୍ରସ୍ତୁତି ପାଇଁ ବାପା ସବୁ ପ୍ରକାର ବ୍ୟବସ୍ଥା କରିଥିବା ବେଳେ କୋଚିଂସେଣ୍ଟର ଶିକ୍ଷକଙ୍କଠାରୁ ବହୁତ ସାରା ପ୍ରେରଣା ମିଳିଥିଲା ବୋଲି ବିବେକ କହିଛନ୍ତି । ଆମେ ଏକାଠି ପାଠ ପଢୁଥିଲୁ ହେଲେ ଏକାଠି ସଫଳତା ହାସଲ କରିବୁ ବୋଲି କେବେ ଭାବି ନଥିଲୁ ବୋଲି ବିବେକ କହିଛନ୍ତି। ପିଲାବେଳୁ ପୁଅକୁ ପାଠ ପଢ଼ା ପ୍ରତି ପ୍ରୋତ୍ସାହିତ କରିବା ପାଇଁ ନିଆରା ଅଭ୍ୟାସ ଆରମ୍ଭ କରିଥିଲେ ବିନ୍ଦୁ । ପୁଅ ମାତ୍ର ୧୦ବର୍ଷର ହୋଇଥିବା ବେଳେ ବିନ୍ଦୁ ନିଜେ ବହି ଧରି ପାଠ ପଢ଼ିଥିଲେ । ଯାହାଫଳରେ ବିବେକଙ୍କର ପାଠ ପଢ଼ା ପ୍ରତି ଉତ୍ସାହ ବଢ଼ିଥିଲା । ଆଉ ଏବେ ଏହାର ପରିଣାମ ସ୍ୱରୂପ ମାଆ ପୁଅ କେରଳ ପବ୍ଲିକ ସର୍ଭିସ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ଖବର ମୁତାବକ, ବିନ୍ଦୁ ଜଣେ ଅଙ୍ଗନବାଡ଼ି ଶିକ୍ଷକ। ସେ ନିଜ ଡ୍ୟୁଟି କରିବା ନିମନ୍ତେ ଯାଉଥିବାରୁ




ଖୁବ୍ କମ୍ ସମୟ ନିଜ ପାଠପଢ଼ା ପ୍ରସ୍ତୁତିରେ ଦେଇପାରୁଥିଲେ। ପବ୍ଲିକ୍ ସର୍ଭିସ କମିଶନ ପରୀକ୍ଷାରେ ମା' ୯୨ ରାଙ୍କରେ ରହିଥିବା ବେଳେ ପୁଅର ରାଙ୍କ ୩୮ ରହିଛି। ତେବେ ବିନ୍ଦୁ ଏଲ୍‌ଡିଏସ୍ ପାସ୍ କରିବା ନିମନ୍ତେ ଦୁଇଥର ଓ ଏଲ୍‌ଡିସି ପାସ୍ କରିବା ନିମନ୍ତେ ଥରେ ପ୍ରୟାସ କରିଥିଲେ। ପବ୍ଲିକ୍ ସର୍ଭିସ କମିଶନ ନିମନ୍ତେ ଏହା ତାଙ୍କର ଚତୁର୍ଥ ପ୍ରୟାସ ଥିଲା। ତେବେ ତାଙ୍କର ବାସ୍ତବିକ୍ ଲକ୍ଷ୍ୟ ଆଇସିଡିଏସ୍ ପର୍ଯ୍ୟବେକ୍ଷକ ପରୀକ୍ଷା ପାସ୍ କରିବା ଥିଲା। ଏଲ୍‌ଡିସିଏସ୍ ପରୀକ୍ଷା ପାସ୍ କରିବା ତାଙ୍କ ପାଇଁ ଏକ ବୋନସ୍ ହୋଇଛି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ବିଧାୟକ ଦଳ



ନୂଆଦିଲ୍ଲୀ: ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ଯାଇଥିବା ବିଧାୟକ ଦଳ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ବିଧାନସଭାରେ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇ ପାରିତ ହୋଇଥିବା ସଂକଳ୍ପପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ମୁର୍ମୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ସାମ୍ବିଧାନିକ ବିଧିବ୍ୟବସ୍ଥା ମୁତାବକ ଓଡ଼ିଶାର ବିକାଶ ପାଇଁ ତାଙ୍କ ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରକାଶ କରିଥିଲେ। ଏଥି ସହ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ତାଙ୍କ ପ୍ରତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ କରି ସହଯୋଗର ହାତ ବଢ଼ାଇଥିବା ରାଷ୍ଟ୍ରପତି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ରାଷ୍ଟ୍ରପତିଙ୍କ ସହ ସାକ୍ଷାତକୁ ଅତ୍ୟନ୍ତ ଆନନ୍ଦଦାୟକ ଓ ଗୌରବର ଅବସର ବୋଲି ବାଚସ୍ପତି ଶ୍ରୀ ଆରୁଖ କହିଛନ୍ତି। ସାକ୍ଷାତ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବହିନୀପତି କୋଟପାଡ଼ ଶାଢ଼ୀ ଉପହାର ଦେଇଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ ମଧ ଶାଢ଼ୀ ଉପହାର ଦେଇଥିଲେ। ସେହିଭଳି ବିଜେପି ବିଧାୟକ ବିଷ୍ଣୁ ସେଠୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲେଖିଥିବା କବିତାକୁ ଫ୍ରେମ୍ କରି ରାଷ୍ଟ୍ରପତିଙ୍କୁ ଭେଟି ଦେଇଥିଲେ।

## ନଭେମ୍ବର ୩୦ରୁ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍



ଭୁବନେଶ୍ୱର : ଆସନ୍ତା ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବ ମେକ୍ ଇନ୍ ଓଡିଶା କନକ୍ଲେଭ୍‌ର ତୃତୀୟ ସଂସ୍କରଣ । ଏଥିପାଇଁ ଇପିକଲ ଓ ଏଫ୍‌ଆଇସିସିଆଇ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଦେଶ ତଥା ଦେଶ ବାହାରୁ ପୁଞ୍ଜିପତିମାନେ ଯୋଗଦେବେ । ଏମଓୟୁ ସ୍ୱାକ୍ଷର ସମାରୋହରେ ଶିଳ୍ପ, ଏମଏସଏମଇ ଏବଂ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଫିକିର ମହାନିର୍ଦ୍ଦେଶକ ଅରୁଣ ଚାୱଲା ପ୍ରମୁଖ ଉପସ୍ଥିତ ଥିଲେ । ୨୦୧୬ରେ ପ୍ରଥମ ମେକ୍ ଇନ୍ ଓଡିଶା କନକ୍ଲେଭ ହୋଇଥିଲା । ସେଥିରେ ୨ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପୁଞ୍ଜି ବିନିଯୋଗ ପାଇଁ ପ୍ରତିଶ୍ରୁତି ମିଳିଥିଲା । ଏଥିରେ ୫୦୦୦ରୁ ଅଧିକ ପ୍ରତିନିଧି ଭାଗ ନେଇଥିଲେ । ସେହିଭଳି ୨୦୧୮ରେ ଦ୍ୱିତୀୟ ସଂସ୍କରଣରେ ୪ ଲକ୍ଷ ୧୯ ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିଥିଲା । ଚଳିତବର୍ଷ କନକ୍ଲେଭ୍‌ର ଲକ୍ଷ୍ୟ ହେଉଛି ସମସ୍ତ ଆଶାକୁ ଅତିକ୍ରମ କରିବା ଏବଂ ଓଡିଶାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବା ବୋଲି ବିଭାଗୀୟ ମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି । ଏହାସହ ଆମର ପ୍ରାକୃତିକ ସମ୍ପଦ ଏବଂ ଇକୋସିଷ୍ଟମ୍ ସୁବିଧା ଯୋଗୁଁ ଓଡ଼ିଶା ଧାତୁ ଏବଂ ସହଯୋଗୀ କ୍ଷେତ୍ରଗୁଡିକର ଶିଳ୍ପ ପାଇଁ ପସନ୍ଦର ସ୍ପଟ ପାଲଟିଛି ବୋଲି ସେ କହିଛନ୍ତି। ରାସାୟନିକ ପଦାର୍ଥ ଏବଂ ପେଟ୍ରୋକେମିକାଲ୍ସ, ବୟନ ଶିଳ୍ପ ଓ ପୋଷାକ ପରି ସେକ୍ଟର ସହିତ ରାଜ୍ୟରେ ଶିଳ୍ପ ଇକୋସିଷ୍ଟମକୁ ବ୍ୟାପକ କରିବା ପାଇଁ ସରକାର ସକ୍ରିୟ ଭାବରେ ପଦକ୍ଷେପ ନେଇଛନ୍ତି। ପୂର୍ବ ଦୁଇଟି ସଂସ୍କରଣରେ ଭାଗ ନେଇଥିବା ୫୩ ପ୍ରତିଶତ ପୁଞ୍ଜି ନିବେଶକାରୀ ଓଡିଶାରେ ସେମାନଙ୍କର ଶିଳ୍ପ ଆରମ୍ଭ କଲେଣି ବୋଲି ସେ କହିଛନ୍ତି । ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ସହ ରୋଜଗାର ସୃଷ୍ଟି କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟ । ସେଥିପାଇଁ ରାଜ୍ୟକୁ କିଭଳି ପୁଞ୍ଜିପତିମାନେ ଆସିବେ ସେ ନେଇ ମେକ ଇନ୍ ଓଡିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ୪ ବର୍ଷରେ ୩.୮୨ ଲକ୍ଷ କୋଟି ନୂଆ ନିବେଶ

ଭୁବନେଶ୍ୱର : ଗତ ଚାରିଟି ଆର୍ଥିକ ବର୍ଷରେ ଓଡ଼ିଶାରେ ୩.୮୨ ଲକ୍ଷ କୋଟି ଟଙ୍କାର ନୂଆ ନିବେଶ ପ୍ରକଳ୍ପ ଘୋଷଣା କରାଯାଇଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍‌ଆଇଇ) ତଥ୍ୟ ଆଧାରରେ ପ୍ରସ୍ତୁତ କରାଯାଇଥିବା ଏକ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୧୮-୧୯ରେ ରାଜ୍ୟରେ ୧,୨୦,୮୫୫ କୋଟି ଟଙ୍କାର ନୂଆ ନିବେଶ ପ୍ରକଳ୍ପ ଘୋଷଣା କରାଯାଇଥିଲା। ସରକାର ୧୬,୨୨୪ କୋଟି ଟଙ୍କା ଓ ଅଣ ଆର୍ଥିକ କ୍ଷେତ୍ରରେ ଘରୋଇ ସଂସ୍ଥାଗୁଡ଼ିକ ୧,୨୦,୩୮୦ କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରିଥିଲେ। ୨୦୧୯-୨୦ରେ ମୋଟ ୪୬,୫୬୦ କୋଟି ଟଙ୍କାର ନୂଆ ନିବେଶ ଘୋଷଣା କରାଯାଇଥିଲା। ୨୦୨୦-୨୧ରେ ୧,୧୧,୬୭୯ କୋଟି ଟଙ୍କା ଓ ୨୦୨୧-୨୨ରେ ୧,୦୨,୮୮୦ କୋଟି ଟଙ୍କାର ନିବେଶ ପ୍ରକଳ୍ପ ଘୋଷଣା କରାଯାଇଥିଲା। ବିଲ୍‌ମାର୍ଟ ଫିନ୍‌ଟେକ୍ ଓ ଏମ୍‌ଏସ୍‌ଏମ୍‌ଇ ରପ୍ତାନି ବିକାଶ ପରିଷଦ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ନିବେଶକମାନଙ୍କ ପାଇଁ ଓଡ଼ିଶା ପସନ୍ଦର ନିବେଶ ସ୍ଥଳ ହୋଇ ରହିଛି' ରିପୋର୍ଟକୁ ଏମ୍‌ଏସ୍‌ଏମ୍‌ଇ ଇପିସିର ଅଧ୍ୟକ୍ଷ ଡ. ଡି ଏସ୍ ରାୱତ ଉନ୍ମୋଚନ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ, ୨୦୧୮-୧୯ରେ ସରକାରୀ କ୍ଷେତ୍ରରେ ୧୬,୨୨୪ କୋଟି ଟଙ୍କା, ୨୦୧୯-୨୦ରେ ୨୫,୦୭୯ କୋଟି ଟଙ୍କା, ୨୦୨୦-୨୧ରେ ୧୩,୯୦୭ କୋଟି ଟଙ୍କା ଓ ୨୦୨୧-୨୨ରେ ୭,୧୪୫ କୋଟି ଟଙ୍କାର ନିବେଶ ପ୍ରକଳ୍ପ ଘୋଷଣା କରାଯାଇଛି।

ଓଡ଼ିଶା ପାଇଁ ଘୋଷଣା ହେଉଥିବା ପ୍ରକଳ୍ପ କାର୍ଯ୍ୟକାରିତାରେ ମଧ ଉନ୍ନତି ହୋଇଛି। ୨୦୨୧ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକାରିତା ହାର ୪୭.୪ ପ୍ରତିଶତରେ ପହଞ୍ଚିଛି। ରପ୍ତାନି କ୍ଷେତ୍ରରେ ମଧ ଓଡ଼ିଶାର ପ୍ରଦର୍ଶନ ଭଲ ରହିଛି। ୨୦୧୬-୧୭ରେ ରାଜ୍ୟରୁ ୪୦,୭୦୫ କୋଟି ଟଙ୍କା, ୨୦୧୭-୧୮ରେ ୪୮,୮୯୨ କୋଟି ଟଙ୍କା, ୨୦୧୮-୧୯ରେ ୪୪,୧୧୯ କୋଟି ଟଙ୍କା ଓ ୨୦୨୦-୨୧ରେ ୭୭,୫୯୫ କୋଟି ଟଙ୍କାର ରପ୍ତାନି ହୋଇଛି। ୨୦୧୬-୧୭ରେ ଓଡ଼ିଶାରୁ ୪,୩୦୫ କୋଟି ଟଙ୍କାର ପେଟ୍ରୋଲିୟମ୍ ଓ ଅଶୋଧିତ ଉତ୍ପାଦ ରପ୍ତାନି ହୋଇଥିଲା। ୨୦୨୦-୨୧ ସୁଦ୍ଧା ରପ୍ତାନି ପରିମାଣ ୬,୦୪୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅଣ




ପେଟ୍ରୋଲିୟମ୍ ଓ କୃଷିଜାତ ସାମଗ୍ରୀ ରପ୍ତାନି ୨୦୧୬-୧୭ରେ ୨,୭୬୦ କୋଟି ଟଙ୍କା ଥିଲା। ୨୦୨୦-୨୧ ସୁଦ୍ଧା ତାହା ୩,୩୮୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଖଣିଜ ରପ୍ତାନି ୨୦୧୬-୧୭ରେ ୮,୪୫୯ କୋଟି ଟଙ୍କା ଥିଲା। ୨୦୨୦-୨୧ ସୁଦ୍ଧା ତାହା ୨୬,୧୪୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ଓଡ଼ିଶାରେ ପ୍ରସ୍ତୁତ ହୋଇଥିବା ସାମଗ୍ରୀ ରପ୍ତାନିରେ ୭୫% ବୃଦ୍ଧି ହୋଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ଓଡ଼ିଶାରେ ବେକାରି ହାର ୧୫.୭ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ରହିଛି। ୨୦୧୯ର ଶେଷ ତ୍ରୈମାସିକରେ ବେକାରି ହାର ୧୦.୮ ପ୍ରତିଶତ ଥିଲା ଯାହା ୨୦୨୧ର ପ୍ରଥମ ତ୍ରୈମାସିକ ସୁଦ୍ଧା ୧୩.୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଏଭଳି ସ୍ଥିତି ସତ୍ତ୍ୱେ ସରକାରଙ୍କ ଉଦ୍ୟମ ଯୋଗୁଁ କରୋନା ମହାମାରୀ ସମୟରେ ମଧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ୨୦୨୦-୨୧ରେ ଏକ ଲକ୍ଷରୁ ଅଧିକ ସଦସ୍ୟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ରେ ସାମିଲ ହୋଇଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଅବସରରେ ଗୌରବ ଗୁପ୍ତା ଓ ଜିଗିଶ ସୋନାଗର ଉପସ୍ଥିତ ଥିଲେ।

## ୧୩ଟି ନିବେଶ ପ୍ରକଳ୍ପକୁ ଜମି ଆବଣ୍ଟନ: ୭୬୬ କୋଟି ନିବେଶ ହେବ



ଭୁବନେଶ୍ୱର : ପ୍ରାୟ ୭୬୬ କୋଟି ଟଙ୍କା ନିବେଶରେ କାର୍ଯ୍ୟକାରୀ ହେବାକୁ ଥିବା ୧୩ଟି ନିବେଶ ପ୍ରକଳ୍ପ ଲାଗି ଜମି ଆବଣ୍ଟନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୮,୬୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଲୋକସେବା ଭବନରେ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକରେ ଜମି ଆବଣ୍ଟନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକର କାମ ଯେଭଳି ଶୀଘ୍ର ଆରମ୍ଭ ହୋଇ ନିର୍ମାଣ କାମ ଶେଷ ହେବ ତାହାର ତଦାରଖ କରିବାଲାଗି ଇଡ୍‌କୋକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ଓଡ଼ିଆଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦେବାକୁ ସେ ଶିଳ୍ପ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ବୟନ ସାମଗ୍ରୀ ଓ ପୋଷାକ, ଲଜିଷ୍ଟିକ୍ ପାର୍କ, ସଫ୍ଟୱେୟାର ବିକାଶ ଓ ଡିଜିଟାଲ୍ ମାର୍କେଟିଂ, କ୍ରୀଡ଼ା ଉପକରଣ ନିର୍ମାଣ, ମାନବ ବିହୀନ ବ୍ୟବସ୍ଥା ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, କାର୍ବନ ବ୍ଲକ୍ ନିର୍ମାଣ, ପିଭିସି ଓ ଏଚ୍‌ଡିପିଇ ନିର୍ମାଣ, ଘରକରଣା ସାମଗ୍ରୀର ଫେବ୍ରିକେସନ ଓ ଡାଟା ସେଣ୍ଟର ସ୍ଥାପନ କରିବା ଲାଗି ଆସିଥିବା ନିବେଶ ପ୍ରକଳ୍ପଗୁଡ଼ିକୁ ଜମି ଆବଣ୍ଟନ କରାଯାଇଛି। ଖୋର୍ଦ୍ଧା ଫୁଡ୍ ପ୍ରୋସେସିଂ ପାର୍କ, ଚନ୍ଦକା ଇନଫୋସିଟି ଇଷ୍ଟେଟ୍, ଖୋର୍ଦ୍ଧା ସମନ୍ୱିତ ଶିଳ୍ପ ବିକାଶ କେନ୍ଦ୍ର ଏବଂ ମୁଣ୍ଡମୁହାଁଣ, ମେଣ୍ଢାଶାଳ, ଗିରିଙ୍ଗାପୁଟ, ଗ୍ରାମଡିହ ଓ ଛତାବର ଆଦି ସ୍ଥାନରେ ଜମି ଆବଣ୍ଟନ କରାଯାଇଛି। ଏହି ଅବସରରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମା, ପର୍ଯ୍ୟଟନ ସଚିବ ସୁରେନ୍ଦ୍ର କୁମାର, ଆଇଟି ସଚିବ ମନୋଜ କୁମାର ମିଶ୍ର, ଇଡ୍‌କୋ ଓ ଇପିକଲ୍ ଏମ୍‌ଡି ଭୂପିନ୍ଦର ସିଂହ ପୁନିଆ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିରୋଧୀ ଦଳ ନେତା ହେଲେ ଜୟନାରାୟଣ ମିଶ୍ର




ଭୁବନେଶ୍ୱର : ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି। ନିକଟରେ ବିଧାୟକ ପ୍ରଦୀପ୍ତ ନାଏକ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଥିବାରୁ ନୂଆ ବିଧାୟକ ଦଳ ନେତା ତଥା ବିରୋଧୀ ଦଳ ନେତା ବାଛିବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ବସିଥିଲା। ଦଳର କେନ୍ଦ୍ରୀୟ ସହ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବସିଥିବା ଏହି ବୈଠକରେ ସର୍ବସମ୍ମତି କ୍ରମେ ଶ୍ରୀ ମିଶ୍ରଙ୍କୁ ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଛି। ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରୀୟ ସହ ପ୍ରଭାରୀ ଶ୍ରୀ ସିଂହ ଏନେଇ ସୂଚନା ଦେଇଛନ୍ତି। ଜୟ ନାରାୟଣ ମିଶ୍ର ବିରୋଧୀ ଦଳ ନେତା ହେବା ପରେ କହିଛନ୍ତି, ଆମେ ଏକ ଗଠନମୂଳକ ବିରୋଧୀ ଦଳ ଭାବେ କାମ କରିବୁ। ଏହାସହ ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ଥିବା ମୋହନ ମାଝୀ ପିଏସି ଅଧ୍ୟକ୍ଷ ହେବେ। ସୂଚନାଯୋଗ୍ୟ ଯେ ବିରୋଧୀ ଦଳ ନେତା ବିଧାୟକ ପ୍ରଦୀପ୍ତ କୁମାର ନାଏକ ଦୀର୍ଘ ଦିନ ଧରି ଅସୁସ୍ଥ ଥିବାରୁ ବିଧାନସଭା ଅଧିବେଶନ ବେଳେ ଉପସ୍ଥିତ ରହିପାରୁନାହାନ୍ତି କି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ପାରୁନାହାନ୍ତି। ତେଣୁ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଚଳିତ ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିରୋଧୀ ଦଳ ନେତା ବଦଳିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଏହାପରେ ବିଜେପି ବିଧାୟକମାନେ ଦିଲ୍ଲୀ ଯାଇ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିଥିଲେ। ଏହାର କିଛି ଦିନ ପରେ ଶ୍ରୀ ନାଏକ ଇସ୍ତଫା ଦେଇଥିଲେ।

## ବିଧାୟକମାନଙ୍କ ଦରମା ବୃଦ୍ଧି କରିବାକୁ ଦାବି କଲେ ତିନି ଦଳର ସଦସ୍ୟ

ଭୁବନେଶ୍ୱର: ବିଧାନସଭାରେ ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ଉଠିଛି। ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଛନ୍ତି ବିଜେପି, କଂଗ୍ରେସ ଓ ବିଜେଡି ସଦସ୍ୟ। ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ପ୍ରସଙ୍ଗ ଉଠାଇ କହିଛନ୍ତି, ଶେଷ ଥର ପାଇଁ ୨୦୧୭ ସେପ୍ଟେମ୍ବର ୧୩ ତାରିଖରେ ବିଧାୟକମାନଙ୍କ ଗସ୍ତ ଖର୍ଚ୍ଚ ଓ ଦରମା ବଢିଥିଲା। ଆଉ ଏବେ ସବୁ ରେଟ ବି ବଢିଛି। ତେଣୁ ବିଧାୟକମାନଙ୍କ ଦରମା ଓ ଗସ୍ତ ଖର୍ଚ୍ଚ ବଢ଼ାଇବାକୁ ଦାବି କଲେ ମୋହନ। ଅନ୍ୟ ରାଜ୍ୟର ବିଧାୟକମାନେ ଅଧିକ ଟଙ୍କା ଦରମା ପାଉଥିବା ବେଳେ ଆମ ରାଜ୍ୟରେ ତାହା ବହୁତ କମ୍ ରହିଛି। ଓଡ଼ିଶାରେ ବିଧାୟକମାନଙ୍କ ଦରମା ଓ ଗସ୍ତ ଖର୍ଚ୍ଚକୁ ମିଶାଇ ମୋଟ ୯୯ ହଜାର ୮୦୦ ଟଙ୍କା ରହିଛି। ତେଣୁ ତାକୁ ବଢାଯାଉ। ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନି ପତି ଓ ବିଧାୟକ ସୁରେଶ କୁମାର ରାଉତରାୟ ମଧ ଦରମା ବଢ଼ାଇବକୁ ଦାବି କରିଛନ୍ତି। ଅନେକ ସୋସିଆଲ କାର୍ଯ୍ୟକ୍ରମକୁ ଯାଉଛନ୍ତି ତେଣୁ ଖର୍ଚ୍ଚ ବଢୁଛି। ଏହା ସହ ପୂର୍ବତନ ବିଧାୟକମାନେ ମାତ୍ର ୩୦ ହଜାର ଟଙ୍କା ପେନସନ ପାଉଛନ୍ତି। ତେଣୁ ଉଭୟ ପୂର୍ବତନ ବିଧାୟକଙ୍କ ପେନସନ ଏବଂ ବିଧାୟକମାନଙ୍କ ଦରମା ବଢ଼ାଇବାକୁ ଦାବି କରିଛନ୍ତି ତାରା। ଅନ୍ୟପଟେ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ ମଧ କହିଛନ୍ତି ଦରମା, ପେନସନ ଏବଂ ମେଡ଼ିକାଲ ଆଲାଉନସ୍ ବଢ଼ାଇବାକୁ ଦାବି କରିଛନ୍ତି ।

## ନୀତି ଆୟୋଗ ବୈଠକରେ ଓଡ଼ିଶାର ଦାବିରଖିଲେ ନବୀନ



ନୂଆଦିଲ୍ଲୀ: ନୀତି ଆୟୋଗ ବୈଠକରେ ଉଠିଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି। ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ସମ୍ମୁଖୀନ ହେଉଥିବାରୁ ଓଡ଼ିଶାର ଆର୍ଥିକ ସ୍ଥିତି ଦୋହଲି ଯାଉଛି। ତେଣୁ ଓଡ଼ିଶାକୁ ଫୋକସ୍ ଷ୍ଟେଟ୍ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାର ନିକଟରେ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇବାକୁ ଦାବି କରିଛନ୍ତି ନବୀନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକରେ ରାଜ୍ୟ ସ୍ୱାର୍ଥ ସଂପର୍କିତ ଅନେକ ଦାବି ଉଠାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାକୁ ଟେଲିକମ୍, ରେଲୱେ ଓ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି ନବୀନ। ଅଧିକାଂଶ ଆଦିବାସୀ ଓ କେବିକେ ଜିଲ୍ଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଯୋଜନା ସଂପର୍କିତ ଅସାମଞ୍ଜସ୍ୟ ତୁରନ୍ତ ଦୂର କରିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଏଥିସହ ବୈଠକରେ ଏଏସଆଇ ଓ ଏଏମ୍‌ଏସ୍‌ଏଆର୍ ରୂପାନ୍ତରଣ ଦାବି କରିଛନ୍ତି। ଏହାର ଟେକ୍ନୋଲୋଜି ଓ ନ୍ୟାୟିକ ଢାଞ୍ଚାରେ ପରିବର୍ତ୍ତନ ପାଇଁ ଜଣାଇଛନ୍ତି । ଏହାଦ୍ୱାରା କୋଣାର୍କ ଭଳି ଐତିହ୍ୟସ୍ଥଳୀକୁ ସୁରକ୍ଷିତ ରଖାଯାଇପାରିବ। ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ତାର କ୍ରୀଡା ଦକ୍ଷତା ଦେଖାଉଛି। ଦେଶକୁ ଗୌରବାନ୍ୱିତ କରିଥିବା କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ।

## ଲୋକସଭା ବାଚସ୍ପତିଙ୍କୁ ଭେଟିଲେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ଆରୁଖ



ନୂଆଦିଲ୍ଲୀ: ଲୋକସଭା ସଚିବାଳୟଠାରେ ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଓଡ଼ିଶା ବିଧାନସଭାର ଅଧିକାରୀ ଓ କର୍ମଚାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳରେ ଅଧିକ ପ୍ରଶିକ୍ଷିତ କରି ଆଗାମୀ ଦିନରେ ଓଡ଼ିଶା ବିଧାନସଭାକୁ ଦେଶର ଏକ ଆଦର୍ଶ ବିଧାନସଭାରେ ପରିଣତ କରିବା ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ବାଚସ୍ପତି ଶ୍ରୀ ଆରୁଖ ଲୋକସଭା ବାଚସ୍ପତିଙ୍କୁ ଅବଗତ କରାଇଥିଲେ। ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟ ଓ ପରିଚାଳନା ବାବଦରେ ଶ୍ରୀ ଆରୁଖଙ୍କୁ ପଚାରି ବୁଝିଥିଲେ । ନିକଟରେ ଶେଷ ହୋଇଥିବା ବଜେଟ ଅଧିବେଶନର ଶାନ୍ତିପୂର୍ଣ୍ଣ ଓ ସୁଚାରୁ ପରିଚାଳନା ନେଇ ଶ୍ରୀ ବିର୍ଲା ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଏପରି କାର୍ଯ୍ୟଧାରା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ବିକାଶଧାରା ନେଇ ଶ୍ରୀ ବିର୍ଲା ଓ ଶ୍ରୀ ଆରୁଖଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବାଚସ୍ପତି ଶ୍ରୀ ଆରୁଖ ଉପଢୌକନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ପ୍ରଦାନପୂର୍ବକ ଶ୍ରୀ ବିର୍ଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଆଲୋଚନା ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି ।

## ଧନକରଙ୍କୁ ଭୋଟ୍‌ଦେଲେ ବିଜେଡି ଏମ୍‌ପି



ନୂଆଦିଲ୍ଲୀ: ଏନ୍‌ଡିଏ ପ୍ରାର୍ଥୀ ଜଗଦୀପ ଧନଙ୍କର ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଭଳି ବିଜେଡି ଏମ୍‌ପିମାନେ ଧନକରଙ୍କୁ ନିଜର ଭୋଟ ଦେଇଛନ୍ତି । ବିଜେଡି ଲୋକସଭା ଓ ରାଜ୍ୟ ସଭା ସଦସ୍ୟମାନେ ଏନ୍‌ଡିଏ ଦେଇଥିବା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଏମପି ଧନକରଙ୍କ ସପକ୍ଷରେ ମତଦାନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେବା ଲାଗି ମୁଖ୍ୟମନ୍ତ୍ରୀ ସମସ୍ତ ଦଳକୁ ଅନୁରୋଧ କରିଥିଲେ । ବିଜେଡି ବିଧାୟକ, ଏମ୍‌ପିଙ୍କ ସମେତ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଦ୍ରୌପଦୀଙ୍କୁ ଭୋଟ ଦେଇଥିଲେ । ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେଉଥିବାରୁ କଂଗ୍ରେସ, ବିଜେଡି ଓ ଭାଜପାକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସମାଲୋଚନା କରୁଛି ।

## ସରକାରୀ ଉଦ୍ୟୋଗ ଉପରେ ୧୩,୧୮୨ କୋଟି ଋଣ

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୩୩ଟି ଉଦ୍ୟୋଗ ଓ ନିଗମଗୁଡ଼ିକ ମଧ୍ୟରୁ ୧୦ଟି ସଂସ୍ଥା ଉପରେ ୨୦୨୦ ମାର୍ଚ୍ଚ ସୁଦ୍ଧା ୧୩,୧୮୨.୫୭ କୋଟି ଟଙ୍କାର ଦୀର୍ଘକାଳୀନ ଋଣ ରହିଛି। ସେହି ଋଣ ମଧ୍ୟରୁ ରାଜ୍ୟ ସରକାରଙ୍କ କରଜ ୧୨୭୭.୨୯ କୋଟି ଟଙ୍କା ଥିଲା। କୋଣାର୍କ ଝୋଟ ଲିମିଟେଡ୍‌କୁ ୧୨,୧୩ କୋଟି ଟଙ୍କା ଋଣ ଦିଆଯାଇଥିଲା ବୋଲି ସିଏଜି ରିପୋର୍ଟରୁ ଜଣାପଡ଼ିଛି। ୨୦୧୯-୨୦ ଆର୍ଥିକ ବର୍ଷ ହିସାବରୁ ଜଣାପଡ଼ିଥିଲା ଯେ ୨୦୧୯-୨୦ ମଧ୍ୟରେ ଏହି ସଂସ୍ଥା ମୂଳ ଧନ କିମ୍ବା ସୁଧ ପରିଶୋଧ କରିନାହିଁ। ଏହି ସଂସ୍ଥାର ସମ୍ପତ୍ତି ମୂଲ୍ୟ ମାତ୍ର ୫ କୋଟି ଟଙ୍କା ହୋଇଥିବା ବେଳେ ତାହା ଉପରେ ୧୨.୧୩ କୋଟି ଟଙ୍କାର ଋଣ ବାକି ପଡ଼ିଛି। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ତିନିଟି ସଂସ୍ଥାକୁ ଦିଆଯାଇଥିବା ଦୀର୍ଘକାଳୀନ ଋଣ ଉପରେ ୧୩୧୫.୭୩ କୋଟି ଟଙ୍କାର ସୁଧ ବକେୟା ଥିଲା। ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍, ଗ୍ରିଡ୍‌କୋ ଓ ଓଡ଼ିଶା ରାଜ୍ୟ ବିହନ ନିଗମ ଉପରେ ଏହି ସୁଧ ବକେୟା ଥିଲା ବୋଲି ସିଏଜି ଜଣାଇଛନ୍ତି। ତିନି ବର୍ଷରୁ ଅଧିକ ବକେୟା ଥିବା ୯୧୯.୬୧ କୋଟି ଟଙ୍କା ମୋଟ ବକେୟାର ପ୍ରାୟ ୭୦ ପ୍ରତିଶତ ବୋଲି ହିସାବ କରାଯାଇଛି।

## ୩୧.୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ଯୋଜନାରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ୩୧.୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରିଛନ୍ତି। ନାଗେଶ୍ୱର ଟାଙ୍ଗୀ ଏବଂ ସଂଲଗ୍ନ ଅଞ୍ଚଳକୁ ୧୦ ଲକ୍ଷ ଲିଟର ବିଶିଷ୍ଟ ଭୂ-ଉଚ୍ଚ ଜଳଭଣ୍ଡାର ପାଇଁ ୨୫୮ କୋଟି ଟଙ୍କାରେ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହ ଭୁଆସୁଣି ସଂଲଗ୍ନ ଅଞ୍ଚଳ ପାଇଁ ୧୫ ଲକ୍ଷ ଲିଟର ବିଶିଷ୍ଟ ଭୂ-ଉଚ୍ଚ ଜଳଭଣ୍ଡାର ପାଇଁ ୪.୧୬ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିଥିଲେ । ଏହାପରେ ୧ କୋଟି ଟଙ୍କା ବିନିମୟରେ କପିଳେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ୭ ଲକ୍ଷ ଲିଟର ବିଶିଷ୍ଟ ଭୂତଳ ଜଳ ଭଣ୍ଡାରକୁ ମନ୍ତ୍ରୀ ଶ୍ରୀ ପଣ୍ଡା ଉଦ୍‌ଘାଟନ କରିଛନ୍ତି । ଏହାସହ ୨.୫୮ କୋଟି ଟଙ୍କାର ଆଉ ଏକ ୧୦ ଲକ୍ଷ ଲିଟର ବିଶିଷ୍ଟ ଭୂ-ଉଚ୍ଚ ଜଳ ଭଣ୍ଡାରର ଶିଳାନ୍ୟାସ କରିବା ସହ ୧୪ ଲକ୍ଷ ଟଙ୍କାରେ ଏକ ଗୋଷ୍ଠୀ ଗୃହର ଉଦ୍‌ଘାଟନ ଏବଂ ୧୫ ଲକ୍ଷ ଟଙ୍କାର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ମଧ ହୋଇଥିଲା। ୱାର୍ଡ ନମ୍ବର ୨୩ର ଘାଟିକିଆ କଳିଙ୍ଗ ନଗର କେ-୩. ଏ ଏବଂ କେ-୨ ଅଞ୍ଚଳ ପାଇଁ ୨୧ କୋଟି ଟଙ୍କାରେ ରାସ୍ତାର ଭିତ୍ତିପ୍ରସ୍ତର ଏବଂ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୟୁନିୟନ୍ ବ୍ୟାଙ୍କ ଏମ୍‌ଡି



ଭୁବନେଶ୍ୱର : ୟୁନିୟନ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଏ ମାନିମେଖାଲାଇ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଗରିବ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତାରେ ଉନ୍ନତି ଆଣିବା ଲାଗି ମାନିମେଖାଲାଇଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ବ୍ୟାଙ୍କର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ଅଧିକ ସହାୟତା ଦେବା ଲାଗି ଏହି ପ୍ରସ୍ତାବରେ ମାନିମେଖାଲାଇ ରାଜି ହୋଇଛନ୍ତି। ଏହି ଅବସରରେ ୫-ଟି ସଚିବ ଭି କେ ପଣ୍ଡିଆନ ଓ ୟୁନିୟନ୍ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପିଏନ୍‌ବିର ୩୪୦ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର : ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଅନୁଗୁଳ ଜିଲ୍ଲାର ବଇଣ୍ଡାଠାରେ ରାଜ୍ୟର ୩୪୦ତମ ଶାଖାକୁ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଏ. ଉଦୟ ଭାସ୍କର ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି। ଏହି ଶାଖାଟି ପିଏନ୍‌ବି କଟକ ମଣ୍ଡଳର ୬୮ତମ ଶାଖା ଅଟେ। ଏହି ଅବସରରେ ବ୍ୟାଙ୍କର କଟକ ମଣ୍ଡଳ ମୁଖ୍ୟ ଜିତେନ୍ଦ୍ର ସ୍ୱାଇଁ, ମୁଖ୍ୟ ପ୍ରବନ୍ଧକ ସୁବାଷ ଶତପଥିଙ୍କ ସମେତ ବ୍ୟାଙ୍କର ନୂତନ ଶାଖାର ଶାଖା ପ୍ରବନ୍ଧକ ଓ ବ୍ୟାଙ୍କ କର୍ମଚାରୀମାନଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିବିଶେଷମାନେ ମଧ୍ୟ ଉପସ୍ଥିତ ଥିଲେ।

## ଫର୍ଚ୍ଚୁନ୍ ଗ୍ଲୋବାଲ୍ ୫୦୦ ତାଲିକାରେ ଏଲ୍‌ଆଇସି

ନୂଆଦିଲ୍ଲୀ: ବିଶ୍ୱର ସବୁଠୁ ମୂଲ୍ୟବାନ ୫୦୦ କଂପାନିର ଯେଉଁ ତାଲିକା ଫର୍ଚ୍ଚୁନ ପକ୍ଷରୁ ଜାରି କରାଯାଇଛି ସେଥିରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ସ୍ଥାନ ପାଇଛି। ଏଲ୍‌ଆଇସି ୯୮ତମ ସ୍ଥାନରେ ରହିଛି। ମୁକେଶ ଅମ୍ବାନିଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୫୧ତମରେ ପହଞ୍ଚିଛି। ପୂର୍ବରୁ ତାହା ୧୦୪ତମ ସ୍ଥାନରେ ଥିଲା। ଏହି ତାଲିକାର ଶୀର୍ଷ ସ୍ଥାନରେ ଆମେରିକାର ୱାଲ୍‌ମାର୍ଟ ଥିବା ବେଳେ ମୋଟ ୯ଟି ଭାରତୀୟ କଂପାନିକୁ ଏଥିରେ ସ୍ଥାନ ମିଳିଛି। ସେଥିରୁ ପାଞ୍ଚଟି ସରକାରୀ କଂପାନି ହୋଇଥିବା ବେଳେ ଚାରିଟି ହେଉଛି ଘରୋଇ କଂପାନି। ଇଣ୍ଡିଆନ ଅଏଲ୍ ୧୪୨ତମ ସ୍ଥାନରୁ ଉନ୍ନୀତ ହୋଇ ୨୮ତମ ସ୍ଥାନରେ ପହଞ୍ଚିଥିବାବେଳେ ଓଏନ୍‌ଜିସି ୧୬ତମ ସ୍ଥାନରେ ପହଞ୍ଚିଛି। ପୂର୍ବ ତାଲିକାରେ ଓଏନ୍‌ଜିସି ୧୯୦ତମ ସ୍ଥାନରେ ଥିଲା। ଏହି ତାଲିକାରେ ଷ୍ଟେଟ୍ ବ୍ୟାଙ୍କ ୧୭, ଭାରତ ପେଟ୍ରୋଲିୟମ୍ ୧୯, ଟାଟା ମୋଟର୍ସ ୩୭୦, ଟାଟା ଷ୍ଟିଲ୍ ୪୩୫ ଓ ରାଜେଶ ଏକ୍ସପୋର୍ଟସ୍ ୪୩୭ତମ ସ୍ଥାନରେ ରହିଛନ୍ତି।

## ୪ ସରକାରୀ ବୀମା କମ୍ପାନିଙ୍କ କ୍ଷତି ୨୪ ହଜାର କୋଟି

ନୂଆଦିଲ୍ଲୀ: ୫ ବର୍ଷ ମଧ୍ୟରେ ଦେଶର ୪ଟି ସରକାରୀ ସାଧାରଣ ବୀମା କମ୍ପାନି ୨୬,୩୬୪ କୋଟି ଟଙ୍କାର କ୍ଷତି ସହିଛନ୍ତି। ୨୦୧୬-୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ବୀମା କମ୍ପାନିଗୁଡ଼ିକ ଏହି ପରିମାଣର କ୍ଷତି କରିଛନ୍ତି ବୋଲି ସିଏଜି ରିପୋର୍ଟରୁ ଜଣାଯାଇଛି। ମୁଖ୍ୟତଃ ସ୍ୱାସ୍ଥ୍ୟ ବୀମାରେ ହେଉଥିବା କ୍ଷତି ପାଇଁ ଏଭଳି ହୋଇଛି। ସ୍ୱାସ୍ଥ୍ୟବୀମାରେ ହେଉଥିବା ବିପୁଳ କ୍ଷତି ପାଇଁ ବୀମା କମ୍ପାନିଗୁଡ଼ିକ ଅନ୍ୟ ବ୍ୟବସାୟରେ କରୁଥିବା ଲାଭ ହ୍ରାସ ପାଇଛି। ଫଳରେ ଏହା କମ୍ପାନିର ମୋଟ କ୍ଷତିକୁ ବଢ଼ାଇ ଦେଉଛି। ସରକାରୀ ସାଧାରଣ ବୀମା କମ୍ପାନିଙ୍କ ସ୍ୱାସ୍ଥ୍ୟ ବୀମାର ତୃତୀୟ ପକ୍ଷ ପ୍ରଶାସକ (ଟିପିଏ) ଅଡିଟ ରିପୋର୍ଟରେ ଏହା କୁହାଯାଇଛି। ଗ୍ରୁପ ସ୍ୱାସ୍ଥ୍ୟ ବୀମା ପଲିସି ବୀମା କମ୍ପାନିଙ୍କ କ୍ଷତିର ଏକ ପ୍ରମୁଖ କାରଣ ହୋଇଛି। ଏହି ବୀମା ବାବଦରେ କମ୍ପାନି କମ୍ ପ୍ରିମିୟମ ଆଦାୟ କରିଥାଏ। କିନ୍ତୁ ରିଟେଲ ପଲିସି ତୁଳନାରେ ଏ ବାବଦରେ ବୀମା କ୍ଷତିପୂରଣ ବାବଦ ଦାବି ରାଶି ବହୁ ଅଧିକ ରହୁଛି। ଏଥିସହିତ କେବଳ ସ୍ୱାସ୍ଥ୍ୟ ବୀମା ସେବା ପ୍ରଦାନ କରୁଥିବା ସଂସ୍ଥା କିମ୍ବା ଘରୋଇ ବୀମା କମ୍ପାନିଙ୍କ ତୁଳନାରେ ସରକାରୀ ବୀମା କମ୍ପାନିଙ୍କ ସ୍ୱାସ୍ଥ୍ୟ ବୀମାର ବଜାରଅଂଶ ମଧ୍ୟ ହ୍ରାସ ପାଉଛି। ସଂସଦରେ ଉକ୍ତ ଅଡିଟ୍ ରିପୋର୍ଟ ଉପସ୍ଥାପନ ହୋଇଛି। ଏଥିରେ ଦର୍ଶାଯାଇଛି ଯେ ୪ଟି ସରକାରୀ ସାଧାରଣ ବୀମା କମ୍ପାନି ଯଥା ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ୟୁନାଇଟେଡ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଏବଂ ନ୍ୟାସନାଲ ଇନସ୍ୟୁରାନ୍ସ ମଧ୍ୟ ସରକାରଙ୍କ କେତେକ ନିୟମ ପାଳନ କରି ନାହାନ୍ତି।

## ୪ ବ୍ୟାଙ୍କ ବଢ଼ାଇଲେ ଋଣ ସୁଧ

ନୂଆଦିଲ୍ଲୀ: ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାରରେ ୦.୫୦ ପ୍ରତିଶତ ବୃଦ୍ଧି କରିଛି। ଏହାର କିଛି ଘଣ୍ଟା ମଧ୍ୟରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଋଣ ସୁଧ ହାର ବଢ଼ାଇ ଦେଇଛନ୍ତି। ୩ଟି ସରକାରୀ ବ୍ୟାଙ୍କ ଓ ଗୋଟିଏ ଘରୋଇ ବ୍ୟାଙ୍କ ଋଣ ସୁଧ ହାର ବୃଦ୍ଧି ଘୋଷଣା କରିଛନ୍ତି। କାନାରା ବ୍ୟାଙ୍କ ରେପୋ ରେଟ୍ ସହ ସଂଯୋଜିତ ଋଣ ସୁଧ ହାର ୦.୫୦ ପ୍ରତିଶତ ବଢ଼ାଇଛି। ଫଳରେ ଏହାର ସୁଧ ହାର ୭.୮୦ ପ୍ରତିଶତ ସ୍ଥାନରେ ୮.୩୦ ପ୍ରତିଶତକୁ ବୃଦ୍ଧି ପାଇଛି। ଅଗଷ୍ଟ ୭ ତାରିଖରୁ ବ୍ୟାଙ୍କ ଏହାକୁ ଲାଗୁ କରିବ ବୋଲି କହିଛି। ଫଳରେ ହାଇରିସ୍କ ବର୍ଗର ବ୍ୟକ୍ତିଙ୍କ ପାଇଁ ପ୍ରଭାବୀ ଗୃହ ଋଣ ହାର ୮.୩୫ ପ୍ରତିଶତରୁ ୧୦.୩୦ ପ୍ରତିଶତ ମଧ୍ୟରେ ରହିବ ବୋଲି ଜଣାଯାଇଛି। ବ୍ୟାଙ୍କ ଅଫ ବରୋଦା ଏହାର ବରୋଦା ରେପୋ ଲିଙ୍କଡ ଲେଣ୍ଡିଂ ରେଟ୍‌କୁ ଅଗଷ୍ଟ ୬ ତାରିଖରୁ ବୃଦ୍ଧି କରିଛି। ଫଳରେ ବ୍ୟାଙ୍କ ଅଫ ବରୋଦାର ଋଣ ସୁଧ ୭.୯୫ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଉପରେ ୧.୨୫ ପ୍ରତିଶତ ରିସ୍କ ପ୍ରିମିୟମ ମିଶାଇଲେ ପ୍ରଭାବୀ ସୁଧ ହାର ୯.୩୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯିବ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏହାର ଋଣ ସୁଧ ହାରକୁ ୭.୪୦ ପ୍ରତିଶତରୁ ୭.୯୦ ପ୍ରତିଶତକୁ ବଢ଼ାଇ ଦେଇଛି। ଅଗଷ୍ଟ ୮ ତାରିଖରୁ ଏହାକୁ କାର୍ଯ୍ୟକାରୀ କରାଯିବ।

# ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ କଡ଼ା ତାଗିଦ୍: କାମ ନକଲେ ବିଦାହେବେ



ନୂଆଦିଲ୍ଲୀ: ରାଷ୍ଟ୍ରାୟତ୍ତ ଦୂରସଂଚାର କମ୍ପାନି ବିଏସ୍‌ଏନ୍‌ଏଲ୍‌ର କର୍ମଚାରୀମାନଙ୍କୁ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଡ଼ା ଚେତାବନୀ ଦେଇଛନ୍ତି। କମ୍ପାନିର ବରିଷ୍ଠ ଅଧିକାରୀମାନଙ୍କ ସହିତ ମନ୍ତ୍ରୀ ବୈଠକ କରିଛନ୍ତି। ବୈଠକର ଅଡିଓ ଟେପ୍ ଲିକ୍ ହୋଇଛି। ଲିକ୍ ହୋଇଥିବା ଉକ୍ତ ଅଡିଓ ଟେପ୍‌ରେ ମନ୍ତ୍ରୀ ବିଏସ୍‌ଏନ୍‌ଏଲ୍‌ର ପ୍ରାୟ ୬୨ ହଜାର କର୍ମଚାରୀଙ୍କୁ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯଦି କୌଣସି କର୍ମଚାରୀ କାମ ନକରିବେ ସେମାନେ ଭିଆରଏସ୍ ବା ସ୍ୱେଚ୍ଛାରେ ଅବସର ନେଇଯାଆନ୍ତୁ। ନଚେତ୍ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ବିଏସ୍‌ଏନ୍‌ଏଲ୍‌ର ପୁନଃରୁଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧ ଲକ୍ଷ ୬୪ ହଜାର କୋଟିରୁ ଅଧିକ ଟଙ୍କାର ପ୍ୟାକେଜ ମଞ୍ଜୁର କରାଯାଇଛି। ଏହାପରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଭଳି ଦୃଢ଼ ବାର୍ତ୍ତା କର୍ମଚାରୀମାନଙ୍କୁ ଦେଇଛନ୍ତି। ପ୍ରତିମାସରେ ମୁଁ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ମାପିବି। ଯେଉଁମାନେ କାମ କରିବାକୁ ଆଗ୍ରହୀ ନାହାନ୍ତି ସେମାନେ ସ୍ୱେଚ୍ଛାରେ ଅବସର ନେଇ ଘରେ ବସିପାରିବେ। ଏହା ନହେଲେ ରେଳବାଇରେ ଯାହା ହେଲା ସେଭଳି ଅବସର ଦିଆଯିବ ବୋଲି ସେ ତାଙ୍କର ୫ ମିନିଟ୍‌ର ଅଡିଓ କ୍ଲିପ୍‌ରେ କହିଛନ୍ତି। ଆମେ ଯାହା କରିବା କଥା ତାହା କରିଛୁ। ଏବେ ଆପଣମାନଙ୍କୁ ଦକ୍ଷତାର ସହିତ କାମ କରିବାକୁ ହେବ। ଏବେଠାରୁ ଏହା ନୂଆ ସ୍ୱାଭାବିକ ବା ନିୟୁ ନର୍ମାଲ ଆରମ୍ଭ ହୋଇଛି। ପ୍ରତିଯୋଗିତା ମୂଳକ ଯୁଗରେ ଦକ୍ଷତାର ସହ କାମ ନକରିଲେ ତିଷ୍ଠି ପାରିବନି। ଆସନ୍ତା ୨୪ ମାସ ମଧ୍ୟରେ ସେ ଫଳାଫଳ ଦେଖିବାକୁ ଚାହାନ୍ତି ବୋଲି କହିଛନ୍ତି। ବିଏସ୍‌ଏନ୍‌ଏଲ୍‌ର ପୁନରୁଦ୍ଧାର ପାଇଁ ମୁଖ୍ୟତଃ ୪ଟି କ୍ଷେତ୍ର ଉପରେ ଧ୍ୟାନ ଦେବାପାଇଁ କୁହାଯାଇଛି। ସେଗୁଡ଼ିକ ହେଲା ବିଏସ୍‌ଏନ୍‌ଏଲ୍‌ର ସେବା ମାନରେ ଉନ୍ନତି ଆଣିବା ପାଇଁ ନୂଆ ପୁଞ୍ଜିନିବେଶ କରିବା, ସ୍ପେକ୍ଟ୍ରମ ଆବଣ୍ଟନ, ବାଲାନ୍ସସିଟ୍‌କୁ ଚାପମୁକ୍ତ କରିବା ଏବଂ ଫାଇବର ନେଟୱର୍କକୁ ବଢ଼ାଇବା। ପୁନଃରୁଦ୍ଧାର ପାଇଁ ଯେଉଁ ପ୍ୟାକେଜ ପ୍ରଦାନ କରାଯାଇଛି ତାହା ବିଶ୍ୱରେ ଅନ୍ୟ କୌଣସି ଦେଶର ସରକାର ଦେଇ ନଥାନ୍ତେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିପାଇଁ ବଡ଼ ଧରଣର ରିସ୍କ ନେଇଛନ୍ତି। ଉକ୍ତ ରାଶି ଛୋଟ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହିତ ବିଏସ୍‌ଏନ୍‌ଏଲ୍ ସହିତ ଭାରତ ବ୍ରଡବ୍ୟାଣ୍ଡ୍ ନେଟୱର୍କ ଲିମିଟେଡ (ବିବିଏନ୍‌ଏଲ୍)ର ମିଶ୍ରଣ ପାଇଁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏହି ମିଶ୍ରଣ ଦ୍ୱାରା ବିଏସ୍‌ଏନ୍‌ଏଲ୍‌କୁ ଅତିରିକ୍ତ ୫.୬୭ ଲକ୍ଷ କିଲୋମିଟରର ଅପ୍ଟିକାଲ ଫାଇବର ମିଳିଯିବ। ଉକ୍ତ ଅପ୍ଟିକାଲ ଫାଇବର ଦେଶର ୧.୮୫ ଲକ୍ଷ ଗ୍ରାମରେ ବିଛାଯାଇଛି। ବର୍ତ୍ତମାନ ବିଏସ୍‌ଏନ୍‌ଏଲ୍ ନିକଟରେ ୬.୮୩ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ ଫାଇବର କେବୁଲ ନେଟୱର୍କ ରହିଛି।

## ୟୁକୋ ବ୍ୟାଙ୍କ ଓ ମିଶନ ଶକ୍ତି ବିଭାଗ ମଧ୍ୟରେ ଚୁକ୍ତି



ଭୁବନେଶ୍ୱର : ୟୁକୋ ବ୍ୟାଙ୍କର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇସ୍ରାକ୍ ଅଲ୍ଲୀ ଖାନ୍ ଜୁଲାଇ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଓଡିଶା ପରିଦର୍ଶନରେ ଆସିଥିଲେ। ତାଙ୍କ ଉପସ୍ଥିତିରେ ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ, ଅଞ୍ଚଳ ମୁଖ୍ୟ ତଥା ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ର ଏବଂ ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ସୁଜାତା ଆର୍ କାର୍ତ୍ତିକେୟନ୍‌ଙ୍କ ମଧ୍ୟରେ ଜୁଲାଇ ୨୬ ତାରିଖରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଅଛି। ରାଜ୍ୟରେ ଅଣବ୍ୟାଙ୍କିଙ୍ଗ୍ ଓ ଅଣ୍ଡରବ୍ୟାଙ୍କିଙ୍ଗ୍ ଗ୍ରାମ ପଞ୍ଚାୟତଗୁଡ଼ିକରେ ବ୍ୟାଙ୍କିଙ୍ଗ୍ ସୁବିଧା ପହଞ୍ଚାଇବା ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ବ୍ୟବସାୟିକ ପ୍ରତିନିଧି ଏଜେଣ୍ଟ ରୂପେ ନିୟୋଜନ କରି ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇଦେବା ଏହି ଚୁକ୍ତିପତ୍ରର ଉଦ୍ଦେଶ୍ୟ ଅଟେ। ଏହି ଅବସରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ମହା ପ୍ରବନ୍ଧକ ରଞ୍ଜିତ ସିଂହ, ସରକାରଙ୍କ ଜଏଣ୍ଟ ସେକ୍ରେଟାରୀ ବିନୋଦ କୁମାର ଜେନା, ଏସ୍‌ଏଲ୍‌ବିସି ଓଡିଶା ଇନ୍‌ଚାର୍ଜ ଲିଙ୍ଗରାଜ ନାୟକଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ୟୁକୋ ବ୍ୟାଙ୍କ ଦ୍ୱାରା ଜୁଲାଇ ୨୭ ତାରିଖରେ ଅନୁଗୁଳଠାରେ ଆୟୋଜିତ ହୋଇଥିବା ସ୍ୱତନ୍ତ୍ର ବିତ୍ତୀୟ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଆଉଟ୍‌ରିଚ କାର୍ଯ୍ୟକ୍ରମରେ ଇସ୍ରାକ୍ ଅଲ୍ଲୀ ଖାନ ଯୋଗଦେଇ ଏହାର ଶୋଭାବର୍ଦ୍ଧନ କରିଥିଲେ। ତୃଣମୂଳସ୍ତରର ଲୋକମାନଙ୍କୁ ସେମାନଙ୍କ ପାଇଁ ଉପଲବ୍ଧ ଥିବା ବ୍ୟାଙ୍କିଙ୍ଗ୍ ସୁବିଧା ବିଷୟରେ ଅବଗତ କରାଇବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ବୃଦ୍ଧି କରିବା ଓ ପିଏମ୍‌ଜେଡିୱାଇ, ପିଏମ୍‌ଜେଜେବିୱାଇ ଓ ଏପିୱାଇ ଆକାଉଣ୍ଟ ଖୋଲିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମଟି ସଫଳ ରୂପେ ସମ୍ପନ୍ନ ହୋଇଥିଲା। ସେ ମଧ୍ୟ ଓଡିଶାରେ ସାମଗ୍ରିକ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ଜୁଲାଇ ୨୮ ତାରିଖରେ ଭୁବନେଶ୍ୱର ଅଞ୍ଚଳର କିଛି ଶାଖାର ଶାଖା ମୁଖ୍ୟମାନଙ୍କୁ ସମ୍ବୋଧନ କରିଥିଲେ।

## ୨୧୫ ଛାତ୍ରୀଙ୍କୁ ମାଲାବାରର ଶିକ୍ଷା ବୃତ୍ତି




ଭୁବନେଶ୍ୱର : ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ୨୧୫ରୁ ଅଧିକ ଛାତ୍ରୀଙ୍କୁ ୧୭ ଲକ୍ଷ ୬୪ ହଜାର ଟଙ୍କାର ଶିକ୍ଷା ବୃତ୍ତି ପ୍ରଦାନ କରାଯାଇଛି। ଯୋଗ୍ୟତା ଆଧାରରେ ଏହି ବୃତ୍ତି ବଣ୍ଟନ କରାଯାଇଛି। ଏନେଇ ୟୁନିଟ୍-୧ ସ୍ଥିତ କମଳା ନେହରୁ ମହିଳା କଲେଜ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ରାଜକିଶୋର ଦାସ, ଆସିଆ ବେଗମ୍, କଲେଜର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଓ ମାଲାବାର ଭୁବନେଶ୍ୱର ଷ୍ଟୋରର ମୁଖ୍ୟ ଅସ୍‌ନାଥ୍ ଯୋଗ ଦେଇଥିଲେ। ୨୦୦୭ ପରଠାରୁ ମାଲାବାର ବାଳିକା ଶିକ୍ଷା କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ କରୁଛି। ଏହା କଲେଜରେ ପାଠପଢୁଥିବା ଛାତ୍ରୀମାନଙ୍କୁ ବର୍ଷକୁ ୬୦୦୦ ଟଙ୍କାରୁ ୧୦ ହଜାର ଟଙ୍କାର ଶିକ୍ଷା ବୃତ୍ତି ଦେଉଛି। ଗତ ପାଞ୍ଚ ବର୍ଷ ଭିତରେ ଏହା ୫୩,୯୭୧ରୁ ଅଧିକ ଛାତ୍ରୀଙ୍କୁ ୨୫.୮୩ କୋଟି ଟଙ୍କାର ଶିକ୍ଷା ବୃତ୍ତି ପ୍ରଦାନ କରିଛି।

## ରୁଚି ଫ୍ରୋଜିଟର ୨ଟି ନୂଆ ଫୁଡ୍ ଆଉଟ୍‌ଲେଟ



କଟକ : କଟକ ସ୍ଥିତ ପୁରୀଘାଟ ଓ ରାମଦାସପୁରରେ ପୂର୍ବ ଭାରତର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ତଥା ଓଡ଼ିଶାର ୧ନଂ ମସଲା ଉଦ୍ୟୋଗ ରୁଚି ଦ୍ୱାରା ପରିଚାଳିତ ଫ୍ରୋଜିଟର ୨ଟି ନୂଆ ଫୁଡ୍ ଆଉଟଲେଟର ଶୁଭ ଉଦଘାଟନ ଉତ୍ସବ ହୋଇଛି। ଏହି ନୂଆ ଫୁଡ୍ ଆଉଟଲେଟଦ୍ୱୟକୁ ଉଦଘାଟନ କରିଥିଲେ ଓଲିଉଡର ଚର୍ଚ୍ଚିତ ନାୟିକା ଭୂମିକା । ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ରୁଚି ଫୁଡଲାଇନର ପରିଚାଳନା ନିର୍ଦ୍ଦେଶକ ଡ଼ ଶରତ କୁମାର ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ ଓ ସଲିନା ସାହୁ ।ଓଡ଼ିଶାର ପ୍ରଥମ ଫ୍ରୋଜନ ଫୁଡ୍ ଉଦ୍ୟୋଗ ଫ୍ରୋଜିଟର ଏହା ୧୧ତମ ଏବଂ ୧୨ତମ ଆଉଟଲେଟ୍ । ଫ୍ରୋଜିଟ୍ ଦୀର୍ଘ ୧୦ବର୍ଷ ଧରି ଓଡ଼ିଶାର ଖାଉଟିମାନଙ୍କୁ ଫ୍ରୋଜନ୍-ରେଡ଼ି-ଟୁ-ଇଟ୍, ରେଡ଼ି-ଟୁ-କୁକ୍, ବେକରୀ, ପ୍ରିମିୟମ୍ ଓ ସ୍ୱାସ୍ଥ୍ୟପୋଯୋଗୀ ଖାଦ୍ୟ ତଥା ମୃଦୁ ପାନୀୟ ଯୋଗାଇ ଆସୁଛି। ଏଥି ସହ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପୋଡ଼ପିଠା ଓ ଖିରୀ ଆଦିକୁ ସ୍ୱତନ୍ତ୍ର ଶୈଳୀରେ ପରିବେଷଣ କରିପାରୁଛି ବୋଲି ପ୍ରକାଶ ପରିଥିଲେ ରୁଚି ଫୁଡଲାଇନର ନିର୍ଦ୍ଦେଶିକା ତଥା ଫ୍ରୋଜିଟର ପ୍ରତିଷ୍ଠାତ୍ରୀ ରଶ୍ମି ସାହୁ । ପୁରୀଘାଟ ଆଉଟଲେଟଟିକୁ ଯୁବ ବ୍ୟବସାୟୀ ବିଶ୍ୱରଞ୍ଜନ ଘଡ଼ାଇ ଫ୍ରାଞ୍ଚାଇଜ୍ ଭାବେ ନେଇଥିବାବେଳେ ରାମଦାସପୁର ଆଉଟଲେଟକୁ ଅଭିନାଶ ପ୍ରସାଦ ଫ୍ରାଞ୍ଚାଇଜ୍ ଭାବେ ନେଇଛନ୍ତି। ଉଭୟ ଆଉଟଲେଟରେ ସ୍ପ୍ରିଙ୍ଗ୍ ରୋଲ୍, ପାସ୍ତା, ମଟନ-ଘିଅ ରୋଷ୍ଟ, ଚିକେନ୍ ଲଲିପପ୍, ବିରିୟାନୀ, ଲଚ୍ଛା ପରଟା, ସାଣ୍ଡୱିଚ୍, ପେଟିସ୍, କେକ୍, କୁକିଜ୍ ଆଦି ବିଭିନ୍ନ ଯୁବପିଢୀଙ୍କ ପସନ୍ଦର ଗୁଣାତ୍ମକ ଖାଦ୍ୟ ବିକ୍ରୟ ପାଇଁ ରହିଥିବା ବେଳେ ରୁଚି ଓ ଫ୍ରୋଜିଟ୍ ଦ୍ୱାରା ପ୍ରସ୍ତୁତ ଅନେକ ଖାଦ୍ୟଦ୍ରବ୍ୟ ମଧ୍ୟ ଉପଲବ୍ଧ । ସେହିପରି ଫାର୍ମବି ଦ୍ୱାରା ପ୍ରସ୍ତୁତ ଓଟସ୍, ଚକୋଚିପସ୍, ମ୍ୟୁସେଲି, କର୍ଣ୍ଣଫ୍ଲେକ୍ସ ଦ୍ରବ୍ୟ ମଧ୍ୟ ଉପଲବ୍ଧ । ଉଦଘାଟନୀ ଅଫର ଭାବେ ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଦ୍ରବ୍ୟ ଉପରେ ୨୦% ରିହାତି ପ୍ରଦାନ କିରାଯିବ ବୋଲି ଆଉଟଲେଟ୍ ମୁଖ୍ୟ ଅଭିନାଶ ସିଂହ ପ୍ରକାଶ ପରିଛନ୍ତି । କାର୍ଯ୍ୟକ୍ରମରେ ଫ୍ରୋଜିଟ ପକ୍ଷରୁ ଶିକ୍ଷା ଦାସ, ଆଦ୍ୟାଶା ପଟ୍ଟନାୟକ, ଶ୍ରୀକାନ୍ତ ମହାପାତ୍ର, ଦେବସ୍ମିତା ମିଶ୍ର, ସାଗନିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହଯୋଗ କରିଥିଲେ ହ୍ୱାଇଟ୍ କାନଭାସର ସମସ୍ତ କର୍ମକର୍ତ୍ତା।

## ଓଏମ୍‌ସିର ନିରାପତ୍ତା କନ୍‌କ୍ଲେଭ୍



ଭୁବନେଶ୍ୱର: ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ନିରାପତ୍ତା କନ୍‌କ୍ଲେଭ୍-୨୦୨୨ ଆୟୋଜନ କରାଯାଇଛି ଯେଉଁଥିରେ କଂପାନିର ସୁରକ୍ଷା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଂପାନିର ଅଧ୍ୟକ୍ଷ ଡି କେ ସିଂହ ଓ ଏମ୍‌ଡି ବଲ୍‌ୱନ୍ତ ସିଂହ ଉପସ୍ଥିତ ଥିଲେ। ଓଏମ୍‌ସିର ଅଧ୍ୟକ୍ଷ ଶ୍ରୀ ସିଂହ କହିଛନ୍ତି ଯେ ଓଏମ୍‌ସିକୁ ଆନ୍ତର୍ଜାତିକ ମାନରେ ପହଞ୍ଚାଇବା ଲାଗି ସୁରକ୍ଷା ପରିଚାଳନାରେ ନିରନ୍ତର ଉଦ୍ୟମ କରିବାର ଆବଶ୍ୟକତା ରହିଛି। ଏମ୍‌ଡି ଶ୍ରୀ ସିଂହ କହିଛନ୍ତି ଯେ ଶୂନ ଆଘାତ ଲକ୍ଷ୍ୟ ହାସଲ କରିବା ଲାଗି କଂପାନି ସୁରକ୍ଷା ପରିଚାଳନା ବ୍ୟବସ୍ଥା, ଫ୍ଲିଟ୍ ମ୍ୟାନେଜମେଣ୍ଟ୍ ସିଷ୍ଟମ୍ ଆଦି ପ୍ରଯୁକ୍ତି ଜ୍ଞାନ କୌଶଳ ବ୍ୟବହାର କରୁଛି। ଏହି ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ (ଅର୍ଥ) ସତ୍ୟଜିତ ମହାନ୍ତି, ନିର୍ଦ୍ଦେଶକ (ବେ ?ଷୟିକ ପରିଚାଳନା) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ପର୍ସନେଲ) ଆଲୋକ କୁମାର ପାଲ ଓ ନିର୍ଦ୍ଦେଶକ (ଟେକ୍ନିକାଲ) ଡକ୍ଟର କ୍ଷୀରୋଦ ଚନ୍ଦ୍ର ବ୍ରହ୍ମ ଉପସ୍ଥିତ ଥିଲେ। କନ୍‌କ୍ଲେଭ୍‌ରେ ବିଭିନ୍ନ ବର୍ଗରେ କର୍ମଚାରୀ ଓ ସହଯୋଗୀ ଏଜେନ୍ସିଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।

## ଏଆଇବିପାର୍କ ରାଜ୍ୟ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର : ଅଲ୍ ଇଣ୍ଡିଆ ବ୍ୟାଙ୍କ୍ ପେନ୍‌ସନର୍ସ ଆଣ୍ଡ୍ ରିଟାରିଜ୍ କନ୍‌ଫେଡରେସନ୍ (ଏଆଇବିପାର୍କ) ଓଡ଼ିଶା ଶାଖାର ତୃତୀୟ ବାର୍ଷିକ ସମ୍ମିଳନୀ ୟୁନିଟ୍-୬ସ୍ଥିତ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ଅମିତ ମୋତାୟଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ସର୍ବଭାରତୀୟ ସଭାପତି କେ ଭି ଆଚାର୍ଯ୍ୟ ଓ ମୁଖ୍ୟ ବକ୍ତା ଭାବେ ସାଧାରଣ ସମ୍ପାଦକ ସୁପ୍ରିତ୍ ସରକାର ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗଣେଶ ମିଶ୍ର, କାନରା ବ୍ୟାଙ୍କ୍ ନିର୍ଦ୍ଦେଶକ ବିମଳ ପ୍ରସାଦ ଶର୍ମା, ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀଙ୍କ ପେନ୍‌ସନ ଅପ୍‌ଡେସନ୍, ସ୍ୱାସ୍ଥ୍ୟ ବୀମା ପ୍ରିମିୟମ କମ କରିବା କିମ୍ବା ବ୍ୟାଙ୍କ୍ ତରଫରୁ ସବ୍‌ସିଡି ପ୍ରଦାନ କରିବା ଏବଂ ଅନ୍ୟାନ୍ୟ ଅସମତା ଦୂର କରିବା ଦାବିଗୁଡ଼ିକ ସମାଧାନ କରିବାରେ ଅହେତୁକ ବିଳମ୍ବ ବିରୋଧରେ ଏହି ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିପାଇଁ ସେମାନଙ୍କୁ ରାଜରାସ୍ତାକୁ ଆସି ପ୍ରତିବାଦ ଜଣାଇବାକୁ ବାଧ୍ୟ କରାଯାଉଛି ବୋଲି ବକ୍ତାମାନେ କହିଥିଲେ। ୟୁନିଅନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅବସରପ୍ରାପ୍ତ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ସାଧାରଣ ସମ୍ପାଦକ ନିରଞ୍ଜନ ଯୋଗାଣିଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ୟୁନିୟନ୍ ବ୍ୟାଙ୍କ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱର : ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. ମଣୀମେଖାଲାଇ ଏବଂ ଆଦୃତା ଶିଶୁ ସଦନର ସଂସ୍ଥାପକ ଆଦିତ୍ୟ ମହାନ୍ତି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅଂଶବିଶେଷ ଶିଶୁ ସଦନର ପିଲାମାନଙ୍କୁ ବେଡ୍‌ସିଟ୍, ସ୍କୁଲ ବ୍ୟାଗ୍ ଏବଂ ଜୋତା ଇତ୍ୟାଦି ବଣ୍ଟନ କରିଥିଲେ। ଡେରାସସ୍ଥିତ ଏହି ଶିଶୁ ସଦନରେ ୧୨୫ ଜଣ ଅନ୍ତେବାସୀ ରହୁଥିବା ସହ ସମସ୍ତେ ଶିକ୍ଷା ପ୍ରାପ୍ତ କରୁଛନ୍ତି। ଏହି ଅବସରରେ ମଣୀମେଖାଲାଇ କହିଥିଲେଯେ, ୟୁନିୟନ୍ ବ୍ୟାଙ୍କ୍ ସଦା ସର୍ବଦା ସାମାଜିକ କାର୍ଯ୍ୟ କରିବାରେ ନିଜର ଦାୟିତ୍ୱ ନିର୍ବାହ କରିଛି। ବ୍ୟାଙ୍କ ଆଗକୁ ମଧ୍ୟ ସମାଜର ପଛୁଆ ତଥା ଗରିବ ଶ୍ରେଣୀର ଲୋକମାନଙ୍କର ବିକାଶ ପାଇଁ ଏହିପରି ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସେ ପ୍ରକାଶ କରିଥିଲେ। ୟୁନିୟନ୍ ବ୍ୟାଙ୍କର ମୋଟ୍ ବ୍ୟବସାୟ ୧୭.୨ଟ୍ରିଲିୟନ୍‌ରେ ପହଞ୍ଚିଥିବା ବେଳେ ଏହା ଦେଶର ପଞ୍ଚମ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋଲି ସେ କହିଥିଲେ। ୟୁନିୟନ୍ ବ୍ୟାଙ୍କ ଡିଜିଟାଲ ଓ ବୈଷୟିକ ସେବା କ୍ଷେତ୍ରରେ ଆଗୁଆ ରହିଥିବା ସହ ଏହା ହେଉଛି ପ୍ରଥମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯିଏ ନିଜର ମହିଳା କର୍ମଚାରୀ, କର୍ମରତ ଅଭିଭାବକ, ଏକୁଟିଆ ଅଭିଭାବକମାନଙ୍କୁ ସେମାନଙ୍କର ପିଲାମାନଙ୍କର ଯତ୍ନ ନେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରିଛି। ଦେଶର ଭବିଷ୍ୟତ ଯୁବ ପିଢୀଙ୍କ ହାତରେ ରହିଛି ଏବଂ ସେମାନେ ନୈତିକତା ଓ ମୂଲ୍ୟବୋଧ ସମ୍ପର୍କରେ ଅବଗତ ହେବା ଉଚିତ୍ ଯାହା ଫଳରେ ଆଗାମୀ ସମୟରେ ଦେଶର ବିକାଶ ହୋଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୟୁନିୟନ ବ୍ୟାଙ୍କର ଫିଲ୍ଡ ଜେନେରାଲ ମ୍ୟାନେଜର ରମାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।



# ସାଫ୍ ପ୍ରତିଯୋଗିତାରେ ଟ୍ରଫି ବଜାୟ ରଖିଲା ଭାରତ



ଭୁବନେଶ୍ୱର : ଭାରତ ୨୦ ବର୍ଷରୁ କମ୍ ସାଫ୍ ପ୍ରତିଯୋଗିତାରେ ଟ୍ରଫି ବଜାୟ ରଖିଛି। କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଘରୋଇ ଦଳ ୫-୨ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ ଲଗାତାର ଦ୍ୱିତୀୟ ଥର ଲାଗି ବିଜେତା ହେବାର ଗୌରବ ଅର୍ଜନ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା। ତେଣୁ ଫଳାଫଳ ଲାଗି ମ୍ୟାଚ୍ ଅତିରିକ୍ତ ୩୦ ମିନିଟ୍ ଖେଳାଯାଇଥିଲା। ଏଥିରେ ବାଂଲାଦେଶକୁ ଭାରତ ପଛରେ ପକାଇ ମ୍ୟାଚ୍ ଜିତି ନେଇଥିଲା। ଏଥିସହ ବାଂଲାଦେଶଠୁ ଲିଗ୍ ପର୍ଯ୍ୟାୟ ପରାଜୟର ମଧ୍ୟ ମଧୁର ପ୍ରତିଶୋଧ ନେଇଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଗୁରକିରଟ ସିଂହଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୪୫ତମ ମିନିଟ୍‌ରେ ବାଂଲାଦେଶର ରାଜନ ଏହି ଗୋଲ୍‌ଟି ଶୁଝି ପ୍ରଥମାର୍ଦ୍ଧ ସ୍ଥିତି ୧-୧ କରିଥିଲେ। ସାହିନ (୪୮ ମିନିଟ୍)ଙ୍କ ଗୋଲ୍‌ରେ ବାଂଲାଦେଶ ଆଗୁଆ ହୋଇଥିଲା। ହେଲେ ୬୦ତମ ମିନିଟ୍‌ରେ ଗୁରକିରଟ ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଫଳରେ ନିର୍ଦ୍ଧାରିତ ସମୟ ୨-୨ରେ ଶେଷ ହୋଇଥିଲା। ଅତିରିକ୍ତ ସମୟରେ ହିମାଂଶୁ ଜାଙ୍ଗ୍ରା (୯୨ ମିନିଟ୍) ଗୋଲ୍ ଦେଇ ଭାରତକୁ ଆଗୁଆ କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ ଗୁରକିରଟ (୯୩ ମିନିଟ୍) ବ୍ୟକ୍ତିଗତ ହ୍ୟାଟ୍ରିକ ଅର୍ଜନ କରିବା ସହ ସ୍ଥିତି ୪-୨କୁ ଆଣିଥିଲେ। ୯୯ତମ ମିନିଟ୍‌ରେ ଗୁରକିରଟ ଚତୁର୍ଥ ଗୋଲ୍ ଦେବା ସହ ଭାରତକୁ ୫-୨ରେ ବିଜୟ ଭେଟି ଦେଇଥିଲେ। ମ୍ୟାଚ୍ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ।

# ସର୍ବଭାରତୀୟ ଡାକ କ୍ରୀଡ଼ାରେ ଜନ୍ମେଜୟଙ୍କୁ ଦଶମ ସ୍ୱର୍ଣ୍ଣ, ରଶ୍ମିଙ୍କୁ ଡାକଶ୍ରୀ





ଭୁବନେଶ୍ୱର : ରେକର୍ଡ ୪ ଥର ଡାକଶ୍ରୀ ମୁକୁଟ ବିଜେତା ଜନ୍ମେଜୟ ମହାନ୍ତି ପୁଣି ଥରେ ସର୍ବଭାରତୀୟ ଡାକ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୫ରୁ ୮୦ କିଲୋଗ୍ରାମ ଓଜନ ବର୍ଗରେ ଲଗାତାର ଦଶମ ଥର ପାଇଁ ଜନ୍ମେଜୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ସର୍ବଭାରତୀୟ ଡାକ କ୍ରୀଡ଼ାରେ ଜନ୍ମେଜୟ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତା ପୂର୍ବରୁ ୪୦ ଦିନ ଭିତରେ ନିଜ ଓଜନରେ ୧୫ କିଲୋ ହ୍ରାସ କରିବାରେ ସକ୍ଷମ ହୋଇଥିଲେ। ୨୦୧୧ ମସିହାରୁ ଜନ୍ମେଜୟ ସର୍ବଭାରତୀୟ ସ୍ୱର୍ଣ୍ଣ ପଦକ ଜିତି ଆସୁଥିଲେ ମଧ୍ୟ ଡାକଶ୍ରୀ ମୁକୁଟ ଏଥର ଅନ୍ୟତମ ଓଡ଼ିଆ ଖେଳାଳି ରଶ୍ମିରଂଜନ ସାହୁ ଜିତିଛନ୍ତି। ରଶ୍ମି ନିଜ ୯୦ କିଲୋଗ୍ରାମ ଓଜନ ବର୍ଗରେ ବିଜେତା ହେବା ସହ ଚାମ୍ପିଅନ୍ ଅଫ୍ ଚାମ୍ପିଅନ୍ସ ବିବେଚିତ ହେବାରୁ ପ୍ରଥମ ଥର ଡାକଶ୍ରୀ ମୁକୁଟ ଜିତିଥିଲେ। ନିକଟରେ ମାଳଦ୍ୱୀପଠାରେ ଅନୁଷ୍ଠିତ ଏସୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନରେ ରହିଥିଲେ ରଶ୍ମି। ୧୨ ଥର ମିଷ୍ଟର ଓଡ଼ିଶା ବିବେଚିତ ରଶ୍ମି ୩ ଥର ଜୁନିୟର ମିଷ୍ଟର୍ ଇଣ୍ଡିଆ ଏବଂ ୫ ଥର ଇଷ୍ଟର୍ଣ୍ଣ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ଜିତିବା ପରେ ଗତବର୍ଷ ଡାକ ବିଭାଗରେ ଯୋଗ ଦେଇ ଏବେ ସଫଳତାର ସିଡ଼ି ଚଢ଼ିଛନ୍ତି। ଅନ୍ୟତମ ଓଡ଼ିଆ ବିଶ୍ୱଜିତ ପ୍ରତିହାରୀ ୯୦ରୁ ୧୦୦ କିଲୋଗ୍ରାମ ଓଜନ ବର୍ଗରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ସ୍ୱାଧୀନତା ଦିବସରୁ ଓଡ଼ିଶା ଜଗରନଟ୍ସ ଅଭିଯାନ




ଭୁବନେଶ୍ୱର: ଅଲ୍ଟିମେଟ୍ ଖୋ ଖୋ ସିଜନ-୧ର ଉଦ୍‌ଘାଟନୀ ମ୍ୟାଚ୍ ଚଳିତ ମାସ ୧୪ ତାରିଖରେ ଆୟୋଜିତ ହେବ। ଏହି ଉଦ୍‌ଘାଟନୀ ମ୍ୟାଚରେ ମୁମ୍ବାଇ ଖିଲାଡିସ୍-ଗୁଜରାଟ ଜାଏଣ୍ଟସ୍ ଖେଳିବେ। ଏହାପରେ ଚେନ୍ନାଇ କ୍ୱିକ୍ ଗନ୍‌ସ-ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ମୁକାବିଲା ହେବ। ଦ୍ୱିତୀୟ ଦିବସ ଅର୍ଥାତ୍ ସ୍ୱାଧୀନତା ଦିବସରେ ଦର୍ଶକମାନେ ରାଜସ୍ଥାନ ୱାରିଅର୍ସ-ଓଡିଶା ଜଗରନଟ୍‌ସ ମଧ୍ୟରେ ଏବଂ ମୁମ୍ବାଇ ଖିଲାଡିସ୍-ଚେନ୍ନାଇ କ୍ୱିକ୍ ଗନ୍‌ସ ମଧ୍ୟରେ ମ୍ୟାଚ୍ ଦେଖିପାରିବେ। ଖୋଖୋ ଫେଡେରେସନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଡାବର ଇଣ୍ଡିଆର ଅଧ୍ୟକ୍ଷ ଅମିତ୍ ବର୍ମନ୍‌ଙ୍କ ଦ୍ୱାରା ଅଲ୍ଟିମେଟ୍ ଖୋଖୋ ପରିଚାଳିତ ହେଉଛି। ୬ ଦଳକୁ ନେଇ ଏହି ପ୍ରତିଯୋଗିତାର ପ୍ରଥମ ସିଜନ୍ ମହାରାଷ୍ଟ୍ରର ପୁନେସ୍ଥିତ ମହାଲୁଙ୍ଗେର ଶିବ୍ ଛତ୍ରପତି ସ୍ପୋର୍ଟସ୍ କଂପ୍ଲେକ୍ସର ବ୍ୟାଡ୍‌ମିଣ୍ଟନ୍ ହଲ୍‌ରେ ଅନୁଷ୍ଠିତ ହେବ। ଦେଶର ପ୍ରଥମ ଫ୍ରାଞ୍ଚାଇଜ୍ ଆଧାରିତ ଖୋ-ଖୋ ଲିଗ୍ ପ୍ରଶଂସକଙ୍କ ପାଇଁ ଏକ ଭବ୍ୟଦୃଶ୍ୟ ଉପସ୍ଥାପନ କରିବ ବୋଲି ଆଶା କରାଯାଉଛି।

# ଭାରତୀୟ ମହିଳା ଲନ ବଲ୍ସ ଟିମକୁ ସ୍ୱର୍ଣ୍ଣ



ବର୍ମିଂହାମ: ଏଠାରେ ଚାଲିଥିବା ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଭାରତୀୟ ମହିଳା ଲନ ବଲ୍ସ ଟିମ ଜିତିଛି ଐତିହାସିକ ସ୍ୱର୍ଣ୍ଣ ପଦକ। ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକାକୁ ୧୭-୧୦ରେ ପରାସ୍ତ କରି ଏହି ପଦକ ଜିତିବାରେ ଗୌରବ ଅର୍ଜନ କରିଛି। ୯୨ ବର୍ଷର କ୍ରୀଡା ଇତିହାସରେ ମହିଳା ଦଳ ଏଭଳି ସଫଳତା ପାଇନଥିବାବେଳେ ୨୦୨୨ରେ ଏକାଥରକେ ସ୍ୱର୍ଣ୍ଣ ପଦକ ପାଇବା ଭାରତ ପାଇଁ ଗୌରବ। ଏହି ଐତିହାସିକ ପଦକ ହାସଲ ପରେ ପ୍ରଧାନମନ୍ତ୍ରୀ ମହିଳା ଲାନ ବଲ୍ସ ଦଳକୁ ପ୍ରଶଂସା କରିଛନ୍ତି।

# ଅଞ୍ଜଳିଙ୍କୁ କନ୍ଦାଇଲା ଏମ୍‌ଏମ୍‌ଏସ୍



'କାଚା ବାଦାମ' ଗୀତରେ ନୃତ୍ୟ କରି ରାତାରାତି ପ୍ରସିଦ୍ଧ ହୋଇଥିବା ଅଞ୍ଜଳି ଅରୋଡ଼ାଙ୍କ ନାମରେ ଏକ ଅଶଡ଼ ଏମ୍‌ଏମ୍‌ଏସ୍ ଭିଡିଓ କିଛି ଦିନ ହେଲା ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ଏହି ଭିଡିଓ ନେଇ ଅଞ୍ଜଳି ଏ ପର୍ଯ୍ୟନ୍ତ ଚୁପ୍ ଥିଲେ। ତେବେ ଲୋକଙ୍କ ନିନ୍ଦାର ଶିକାର ହେବା ପରେ ସେ ଶେଷରେ ନିରବତା ଭଙ୍ଗ କରିଛନ୍ତି। ଏକ ସାକ୍ଷାତକାର ମାଧ୍ୟମରେ ସେ ଏହି ଭିଡିଓର ବାସ୍ତବତା ପ୍ରକାଶ କରିବା ସହ ଅପବାଦର ଚାପରେ କାନ୍ଦି ପକାଇଛନ୍ତି। ଅଞ୍ଜଳି କହିଛନ୍ତି, 'ମୋ ନାମ ଓ ଫଟୋ ଲଗାଇ ଲୋକେ କହୁଛନ୍ତି ଯେ ଏ ଭିଡିଓରେ ଅଞ୍ଜଳି ଅଛନ୍ତି। ମୁଁ ଜାଣି ନାହିଁ ଲୋକମାନେ ଏମିତି କାହିଁକି କରୁଛନ୍ତି, ଯେତେବେଳେକି ସେମାନେ ହିଁ ମୋତେ ଗଢ଼ିଛନ୍ତି। ମୁଁ ଯେଉଁ ଭିଡିଓରେ ନାହିଁ ତାକୁ ଏତେ ପ୍ରସାର କରାଯାଉଛି କାହିଁକି ମୋର ବି ପରିବାର ଅଛି, ଛୋଟ ଭାଇ ଅଛନ୍ତି ଯେଉଁମାନେ ଏସବୁ ଦେଖନ୍ତି। ଆପଣ କାହାକୁ ବଦନାମ କରିବାକୁ ଚାହାନ୍ତି ବୋଲି କ'ଣ ଏମିତି କରିବେ କୁହାଯାଏ, କାହାର ସମକକ୍ଷ ହୋଇ ନ ପାରିଲେ ତାଙ୍କୁ ବଦନାମ କରିବା ଆରମ୍ଭ କରିଦିଅ, ସେଥିପାଇଁ ବୋଧେ ଲୋକେ ଏମିତି କରୁଛନ୍ତି।' ଉଲ୍ଲେଖନୀୟ ଯେ ଅଞ୍ଜଳିଙ୍କ 'କାଚା ବାଦାମ' ନୃତ୍ୟ ଏତେ ଲୋକପ୍ରିୟ ହୋଇଥିଲା ଯେ ତାଙ୍କୁ କଙ୍ଗନା ରଣାୱତଙ୍କ 'ଲକ୍ ଅପ୍' କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ମିଳିଥିଲା। ସେହି କାର୍ଯ୍ୟକ୍ରମର ଅନ୍ୟତମ ଅଂଶଗ୍ରହଣକାରୀ ତଥା ହାସ୍ୟ ଅଭିନେତା ମୁନାୱର ଫାରୁକୀଙ୍କ ସହିତ ପ୍ରେମ ସମ୍ପର୍କ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏପରିକି ପ୍ରଶଂସକମାନେ ସେମାନଙ୍କ ଯୋଡ଼ିକୁ 'ମୁଞ୍ଜଲି' ଡାକିବାକୁ ଲାଗିଥିଲେ। ତେବେ କାର୍ଯ୍ୟକ୍ରମ ସରିବା ପରେ ସେମାନେ ପରସ୍ପରଙ୍କ ସହିତ ଦେଖାଦେବା ତ ଦୂରର କଥା, କେହି କାହାରି ବିଷୟରେ ଗୋଟିଏ ଶବ୍ଦ ବି କହିନାହାନ୍ତି। ପରେ ଜଣାପଡ଼ିଲା ଯେ ଦୁହେଁ ପରସ୍ପରଙ୍କୁ ନୁହେଁ ବରଂ ଭିନ୍ନ ଭିନ୍ନ ଲୋକଙ୍କୁ ଭଲପାଆନ୍ତି।

ଅଞ୍ଜଳିଙ୍କ ପାଇଁ ଏଭଳି ଏମ୍‌ଏମ୍‌ଏସ୍ ଭିଡିଓ ଅଭିଜ୍ଞତା ନୂଆ କଥା ନୁହେଁ। 'ଲକ୍ ଅପ୍' କାର୍ଯ୍ୟକ୍ରମ ଚାଲିଥିବା ବେଳେ ମଧ୍ୟ ଏଭଳି ଏକ ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ତାଙ୍କ ପିତାମାତା ଥାନାରେ ଅଭିଯୋଗ ଦାଖଲ କରିଥିଲେ। ଏବେ ପୁଣି ଥରେ ତାହାର ପୁନରାବୃତ୍ତି ଘଟିଛି। ଭିଡିଓରେ ସେ ନାହାନ୍ତି ବୋଲି ସ୍ପଷ୍ଟ କରିବା ପରେ ବି ଅପବାଦ ଦୂର କରିବା ଏତେ ସହଜ ନୁହେଁ ବୋଲି ଅଞ୍ଜଳି ଜାଣନ୍ତି। ତେଣୁ ସେ ପରିବାର ଲୋକଙ୍କ ସହ ଏ ନେଇ ସାଇବର ସେଲ୍‌ରେ ଅଭିଯୋଗ କରିଛନ୍ତି।

# ଗଣେଶ ପୂଜାରେ ପରଦାକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କିସ୍ ମିସ୍'



ଗଣେଶ ପୂଜାରେ ପରଦାକୁ ଆସିବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କିସ୍ ମିସ୍'। ଝିଲିକ୍ ମୋସନ୍ ପିକ୍‌ଚର୍ସ ବ୍ୟାନରରେ ମୁକ୍ତିଲାଭ କରିବାକୁଯାଉଛି ଏହି ସିନେମା। ସ୍ୱରାଜ-ଶିବାନୀ ଯୋଡ଼ିଙ୍କୁ ନେଇ ନିର୍ମିତ ଏହି ସିନେମାଟି ଅଗଷ୍ଟ ୩୧ ତାରିଖ ଅର୍ଥାତ ଗଣେଶ ପୂଜା ଦିନ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ସୁଶାନ୍ତ ମଣି ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଅଭିନେତ୍ରୀ ତଥା ପ୍ରଯୋଜିକା ଝିଲିକ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିଛନ୍ତି। ଏଥିରେ ନିର୍ମଳ ନାୟକ ଗୀତ ଲେଖିଥିବା ବେଳେ ଅଭିଜିତ ମଜୁମଦାର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପୂର୍ବରୁ ସ୍ୱରାଜ-ଶିବାନୀ ଯୋଡ଼ିଙ୍କୁ ବଡ଼ ପରଦାରେ ଏକାଠି ଦେଖିସାରିଛନ୍ତି ଦର୍ଶକ। ତେବେ ଏଥିରେ ଉଭୟଙ୍କ ଲଭ୍, ରୋମାନ୍ସ ସହ କିଛି ଆକ୍ସନ୍ ସିନ୍ ମଧ୍ୟ ଦେଖିବାକୁ ମିଳିବ। ସ୍ୱରାଜ ଏଥିରେ ପ୍ରଥମ ଥର ପାଇଁ ଦୃଷ୍ଟିବାଧିି ଯୁବକ ଭାବେ ଅଭିନୟ କରିଛନ୍ତି। ପ୍ରେମକୁ ନେଇ କାହାଣୀ ଗତିଶୀଳ ହେଇଥିବା ବେଳେ ପ୍ରେମିକ ସ୍ୱରାଜ ଓ ପ୍ରେମିକା ଶିବାନୀଙ୍କ ବାସ୍ତବ ଅଭିନୟ ଦର୍ଶକଙ୍କ ମନ କିଣିନେବ। ଏ ଦୁହିଁଙ୍କ ବ୍ୟତୀତ ଉକ୍ତ ଚଳଚ୍ଚିତ୍ରରେ ପ୍ରୀତିରାଜ, ସୋମେନ ପୂଜାରୀ, ନୀତୁ ସିଂ, ମାନିନୀ, ଲିଙ୍କନ ପଟ୍ଟନାୟକ, ଧରିତ୍ରୀ ପ୍ରମୁଖ ନଜରକୁ ଆସିବେ। ଓଡ଼ିଶା ଭିତରେ ସିନେମାର ସୁଟିଂ ହୋଇଥିବା ବେଳେ କେବଳ ଗୀତଦୃଶ୍ୟ ଓଡ଼ିଶା ବାହାରେ ସୁଟିଂ ହୋଇଛି। ଗଣେଶ ପୂଜାରେ ସିନେମାଟି ମୁକ୍ତିଲାଭ କରୁଥିବାରୁ ଦର୍ଶକଙ୍କ ଭିତରେ ଉତ୍ସାହ ଦେଖାଦେଇଛି। ସାରା ଓଡ଼ିଶାରେ ପ୍ରେକ୍ଷାଳୟରେ 'କିସ୍ ମିସ୍' ଫିଲ୍ମ ମୁକ୍ତିଲାଭ କରିବ। ପୂର୍ବରୁ ଝିଲିକ୍ ମୋସନ ପିକଚର୍ସ ବ୍ୟାନରରେ ରୁଦ୍ରାଣୀ, ତୋର ମୋର କଟି, ତୁ ମୋର ସିଏ ଆଦି ନିର୍ମିତ ହୋଇ ମୁକ୍ତିଲାଭ ଅପେକ୍ଷାରେ ରହିଛି।

# ଉର୍ବଶୀ ରୌତେଲା ନିକଟରେ ଚାରି ପିଲାଙ୍କ ବାପାର ବିବାହ ପ୍ରସ୍ତାବ !



ଅଭିନେତ୍ରୀ ତଥା ମଡେଲ୍ ଉର୍ବଶୀ ରୌତେଲା ନିକଟରେ ଏକ ସାକ୍ଷାତକାର ଦେଇ ତାଙ୍କୁ କିଭଳି ଅନେକ ଲୋକ ନିୟମିତ ବିବାହ କରିବାକୁ ପ୍ରସ୍ତାବ ଦେଇଥାନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏତେ ସବୁ ପ୍ରସ୍ତାବ ମଧ୍ୟରୁ ସେ ଏକ ଅଖାଡୁଆ ପ୍ରେମ ନିବେଦନ କଥା ମନେ ପକାଇଥିଲେ। ଇଜିପ୍ଟର ଜଣେ ପ୍ରସିଦ୍ଧ ଗାୟକଙ୍କ ସହିତ ଦୁବାଇରେ ତାଙ୍କର ସାକ୍ଷାତ ହୋଇଥିଲା। ସେ ତାଙ୍କୁ ବିବାହ ପାଇଁ ନିବେଦନ କରିଥିଲେ। ସମସ୍ୟା ହେଲା, ଗାୟକ ଜଣକ ପୂର୍ବରୁ ବିବାହିତ ଥିଲେ ଏବଂ ସେ ଚାରିଟି ଛୁଆଙ୍କ ପିତା ହୋଇସାରିଥିଲେ। ଏଭଳି ବ୍ୟକ୍ତିଙ୍କ ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କଲେ କାଳେ ସମସ୍ୟା ସୃଷ୍ଟି ହେବ ଆଶଙ୍କା କରି ଉର୍ବଶୀ ସାଂସ୍କୃତିକ ଭିନ୍ନତାକୁ ଆଳ କରି ତାଙ୍କୁ ନା କହିଥିଲେ। ସେ ଗାୟକ ଜଣଙ୍କ କିଏ ତାହା ଉର୍ବଶୀ ପ୍ରକାଶ କରି ନ ଥିଲେ ହେଁ ଜଣେ ପ୍ରଶଂସକ ଖୋଳତାଡ଼ କରି ତାଙ୍କ ନାମ 'ମହମଦ ରମଦାନ' ବୋଲି ପ୍ରଘଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମହମଦଙ୍କ 'ଭର୍ସାଚେ ବେବି' ଶୀର୍ଷକ ଗୀତ ଭିଡିଓ ମାଧ୍ୟମରେ ଉର୍ବଶୀ ଅନ୍ତର୍ଜାତୀୟ ମନୋରଂଜନ ଶିଳ୍ପରେ ପାଦ ରଖିଥିଲେ। ୨୦୨୧ ମସିହାରେ ମୁକ୍ତିଲାଭ କରିଥିବା ଏହି ଗୀତଟି ଉର୍ବଶୀଙ୍କ ପାଇଁ ଆଉ ଏକ କାରଣରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିରେ ବିଶ୍ୱପ୍ରସିଦ୍ଧ ଫ୍ୟାସନ୍ ଡିଜାଇନର ଡୋନାଟେଲା ଭର୍ସାଚେ ତାଙ୍କର ରୂପସଜ୍ଜା କରିଥିଲେ। ସେ ପିନ୍ଧିଥିବା ପୋଷାକର ମୂଲ୍ୟ ଥିଲା ପ୍ରାୟ ୧୫ କୋଟି ! ତାହା ଗତ ବର୍ଷର ସବୁଠାରୁ ବ୍ୟୟବହୁଳ ଗୀତ ଭିଡିଓମାନଙ୍କ ତାଲିକାରେ ସାମିଲ ହୋଇଥିଲା। ନିକଟରେ ଆବୁ ଧାବିରେ ଆୟୋଜିତ 'ଆଇଫା' ପୁରସ୍କାର ଉତ୍ସବରେ ଉର୍ବଶୀଙ୍କୁ ଦେଖିବାକୁ ମିଳିଥିଲା।

Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com

ସଂପାଦକ - ବଦ୍ରିନାରାୟଣ ମହାନ୍ତି
Editor - Badri Narayan Mohanty